## ଗାଁରେ ବୁଲିବ ଅଳିଆ ସଂଗ୍ରହ ଗାଡ଼ି

**କଳିଙ୍ଗନଗର,(ଡି.ଏନ.ଏ.):** ଗାଁରେ ବୁଲିବ ଅଳିଆ ସଂଗ୍ରହ ଗାଡ଼ି। ଦାନଗଦି ବ୍ଲକ ଅଧୀନ ସମସ୍ତ ଗ୍ରାମରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଏଥିପାଇଁ ଗାଁ ଗୁଡ଼ିକରେ ପ୍ରତି ଘରୁ ଅଳିଆ ସଂଗ୍ରହ ପାଇଁ ପ୍ରୟାସ ଆରମ୍ଭ ହୋଇଛି। ପ୍ରତି ଘର ନିକଟରୁ ଅଳିଆ ସଂଗ୍ରହ ପାଇଁ ସହରାଞ୍ଚଳ ପରି ଟ୍ରଲି ସାଇକେଲର ବ୍ୟବସ୍ଥା ହୋଇଛି। ବୁଧବାର ଅପରାହ୍ନରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି ଅଳିଆ ସଂଗ୍ରହ ଟ୍ରଲିଗୁଡ଼ିକୁ ପଞ୍ଚାୟତକୁ ବଣ୍ଟନ କରିଛନ୍ତି।

# ନିଯୁକ୍ତି ପ୍ରତିଶ୍ରୁତି ଦେଇ ନକଲି ତାଲିମ

ଯାଜପୁର ଅଫିସ,୧୦।୮

- ଠକାମିର ଶିକାର ହେଉଛନ୍ତି ବେକାର ଯୁବତୀ, ଯୁବକ
- ମୁଣ୍ଡପିଛା ଆଦାୟ ହେଉଛି ୧୫ ରୁ ୨୦ ହଜାର ଟଙ୍କା
- ମାଡିଛନ୍ତି ଅଣ ପଞ୍ଜୀକୃତ ପ୍ରଶିକ୍ଷଣ ସଂସ୍ଥା

ଦକ୍ଷତା ବିକାଶ କିମ୍ବା ମାର୍କେଟିଂ ପ୍ରଶିକ୍ଷଣ କଥା କହି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଡିଣ୍ଡିମ ପିଟୁଛନ୍ତି, ହେଲେ କାହାକୁ କେଉଁ ଶ୍ରେଣୀରେ କେତେ ନିଯୁକ୍ତି ମିଳିଲା ତାହା ବୁଝିବାକୁ ସମୟ ନାହିଁ। ଏହାର ସୁଯୋଗ ନେଇ କେତେକ ଅଣ ପଞ୍ଜୀକୃତ ଠକ ସଂସ୍ଥା ଭାରତ ସରକାରଙ୍କ ସ୍କିଲ୍ ଇଣ୍ଡିଆ ନାମରେ ନିରୀହ ଶିକ୍ଷିତ ଯୁବତୀଯୁବକଙ୍କୁ ଭୁଆଁ ବୁଲାଇ ବହୁ ଟଙ୍କା ଠକି ନେଉଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ସ୍ଥାନୀୟ ପୋଲିସ କିମ୍ବା ପ୍ରଶାସନ ପାଖରେ କୌଣସି ଖବର ନାହିଁ। ନିଯୁକ୍ତି ସୁଯୋଗ ମିଳିବା ପ୍ରତିଶ୍ରୁତି ଦେଇ ଶିଳ୍ପ ଓ ମାର୍କେଟିଂ ଭଳି ବିଭିନ୍ନ କ୍ଷେତ୍ରରେ ତାଲିମ ବାବଦରେ ମୁଣ୍ଡପିଛା ୧୫ ରୁ ୨୦ ହଜାର ଟଙ୍କା ଆଦାୟ କରାଯାଉଛି। ଏପରି କି ଚେନ୍ ସିଷ୍ଟମରେ ସମ୍ପୃକ୍ତ ଠକ ସଂସ୍ଥା ମାଲାମାଲ ହେଉଛନ୍ତି। ଏହିକ୍ରମରେ ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ବ୍ୟାସନଗର ସହରର ସାପଗଡ଼ିଆ ଗାୟତ୍ରୀବିହାର ଏବଂ ଷ୍ଟାଡିୟମ ରାସ୍ତାରେ ଥିବା ଅସମ୍ପୂର୍ଣ୍ଣ ବିପଦସଙ୍କୁଳ କୋଠାରେ ୨ ହଜାରରୁ ଉର୍ଦ୍ଧ୍ୱ ବେକାର ଯୁବତୀଯୁବକଙ୍କୁ ତାଲିମ ଦିଆଯାଇଛି। ସେହି ଯୁବତୀଯୁବକମାନେ ବାହାର ଜିଲାର ବୋଲି ଜଣାପଡିଛି। ଆଶ୍ଚର୍ଯ୍ୟର କଥା ସେହି ଯୁବତୀଯୁବକମାନଙ୍କୁ ଏପରି ଭାବେ ତାଲିମ ଦିଆଯାଇଛି ଯେ, କିଛି ପ୍ରଶ୍ନ କଲେ ବି ଉତ୍ତର ମିଳୁନାହିଁ। ତାଲିମ ଦିଆଯାଉଥିବା ସ୍ଥାନରେ କୌଣସି ଶୌଚାଳୟ ବ୍ୟବସ୍ଥା ନ ଥିବାରୁ ଆଖପାଖ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ସଂପୃକ୍ତ ସହରବାସୀ ଥାନାର ଦ୍ୱାରସ୍ଥ ହେଉଥିଲେ ହେଁ ସୁଫଳ ମିଳିନାହିଁ।

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟୀ, ରାଜ୍ୟରେ ୨୦୧୪-୧୫ରୁ ୨୦୨୧-୨୨ ମଧ୍ୟରେ ସମୁଦାୟ ୧୫,୪୫,୨୬୬ ଜଣ ଯୁବତୀଯୁବକଙ୍କୁ ତାଲିମ ପ୍ରଦାନ କରାଯାଇ ନିଯୁକ୍ତି ପ୍ରଦାନ ତଥା ସ୍ୱରୋଜଗାରକ୍ଷମ କରାଯାଇଛି । ଏହାବାଦ୍ ରାଜ୍ୟ ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଚାଳିତ ପ୍ଲେସ୍‌ମେଣ୍ଟ ଲିଙ୍କ୍ ଟ୍ରେନିଂ ପ୍ରୋଗ୍ରାମ ଅଧୀନରେ ବିଗତ ୫ ବର୍ଷରେ ୪୧,୦୪୮ ଯୁବତୀଯୁବକଙ୍କୁ ତାଲିମ ପ୍ରଦାନ କରାଯାଇ ସେଥିରୁ ୩୧,୩୪୫ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବାବଦରେ ବିଗତ ୪ ବର୍ଷରେ ୫୮ କୋଟି ୯୯ ଲକ୍ଷ ୨୧ ହଜାର ୬୦ ଟଙ୍କା ପ୍ରଦାନ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାରେ କେନ୍ଦ୍ର ସରକାରଙ୍କ ପାଣ୍ଠିରୁ ୪ କୋଟି ୬୫ ଲକ୍ଷ ୨ ହଜାର ୪୬୮ ଟଙ୍କା ଖର୍ଚ୍ଚ ହୋଇଛି। ଏଥିରେ ଡାଲମିଆ ଭାରତ ଫାଉଣ୍ଡେଶନ, ଏଆଇଏସଇସିଟି, ଏସ୍‌ଏସ୍‌ଇପିଏଲ ସ୍କିଲ ପ୍ରା.ଲି. କୁଇଭାନ ସ୍କିଲ, ହାଇଦ୍ରାବାଦ ଆଏ ଇନ୍‌ଷ୍ଟିଚ୍ୟୁଟ ଭଳି ଶତାଧିକ ପ୍ରଶିକ୍ଷଣ ସଂସ୍ଥାଗୁଡିକୁ ନିୟୋଜିତ କରାଯାଇଛି। ତେବେ ବ୍ୟାସନଗର ସହରରେ କେଉଁ ସଂସ୍ଥା ଏଭଳି ପ୍ରଶିକ୍ଷଣ ଦେଉଛନ୍ତି ସେ ନେଇ କୌଣସି ସୂଚନା ଫଳକ ଲାଗିନାହିଁ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସ୍ଥାନୀୟ ଯୁବତୀଯୁବକଙ୍କୁ ସୁଯୋଗ ମିଳୁନାହିଁ।


ବ୍ୟାସନଗର ସାପଗାଡ଼ିଆରେ ଥିବା ବିପଦସଂକୁଳ କୋଠାରେ ଚାଲିଛି ତାଲିମ କେନ୍ଦ୍ର।

ଚର୍ଚ୍ଚାରୁ ମିଳିଥିବା ତଥ୍ୟ ଅନୁଯାୟୀ, ଏହି ଯୁବତୀଯୁବକ ପ୍ରଶିକ୍ଷଣ ସଂସ୍ଥା କର୍ତ୍ତୃପକ୍ଷଙ୍କୁ ମୁଣ୍ଡପିଛା ପ୍ରାୟ ୧୫ ହଜାର ଟଙ୍କା ଦେଉଛନ୍ତି। ପୁଣି ସେହି ଯୁବତୀଯୁବକ ମଧ୍ୟରୁ ଜଣେ ଅନ୍ୟ ୩ ଜଣଙ୍କୁ ଆଣି ପାରିଲେ ଉକ୍ତ ଅର୍ଥ ଫେରସ୍ତ କରାଯାଉଛି। ସେହି ୩ ଜଣ ଅନ୍ୟ ୩ ଜଣ ଲେଖାଏଁ ଯୁବତୀଯୁବକଙ୍କୁ ଏଠାକୁ ଆଣୁଛନ୍ତି। ଏଭଳି ଭାବେ ଚେନ୍ ସିଷ୍ଟମରେ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଆଶା ଦେଖା ଲୁଟ୍ କରାଯାଉଛି। ସେମାନଙ୍କୁ ଭଲ ଭାବେ ଖାଇବା ପିଇବାକୁ ଦିଆଯାଉନାହିଁ। ଏହି ସହରରେ ପ୍ରାୟ ୫ ବର୍ଷ ହେଲା ଏଭଳି ପ୍ରକ୍ରିୟା ଜାରି ରହିଛି। ୨୦୧୯ ଜୁନରେ ଏଭଳି ସଂସ୍ଥାର କେତେଜଣଙ୍କୁ କେନ୍ଦୁଝର ଜିଲା ପୋଲିସ ଗିରଫ କରିଥିଲା। କିନ୍ତୁ ଅନ୍ୟ କୌଣସି ଜିଲାରେ ପୋଲିସ ଏନେଇ ନୀରବ ବସି ରହିଛି। ପୋଲିସ ଏବଂ ଏଭଳି ଠକ ସଂସ୍ଥା ମଧ୍ୟରେ ଭିତିରିଆ ବୁଝାମଣା ଥିବାରୁ କୌଣସି ଅଭିଯୋଗ କାମରେ ଲାଗୁ ନ ଥିବା ଅଭିଯୋଗ ହେଉଛି। ଜିଲା ବାହାରର ଯୁବତୀଯୁବକମାନେ ସକାଳ ପ୍ରାୟ ସାଢେ ୫ଟାରେ ରାସ୍ତାରେ ଲମ୍ବାଧାଡ଼ି କରି ପ୍ରଶିକ୍ଷଣ ସ୍ଥଳକୁ ଯାଉଛନ୍ତି। କଳିଙ୍ଗନଗରରେ ପ୍ରତିଷ୍ଠିତ ବଡ ଶିଳ୍ପ କମ୍ପାନୀ ବାହାର ରାଜ୍ୟର ଯୁବତୀଯୁବକଙ୍କୁ ଅଧିଗ୍ରହଣ କରୁଥିବାରୁ ସ୍ଥାନୀୟ ନିଯୁକ୍ତି କ୍ଷେତ୍ର ଅବହେଳିତ ହୋଇଛି। ସ୍ଥାନୀୟ ଲୋକ ପ୍ରତିନିଧିମାନେ ଏହାକୁ ବିରୋଧ କରିବା ବଦଳରେ ପରୋକ୍ଷରେ ସହଯୋଗ କରୁଥିବାରୁ ଜିଲାର ଶିକ୍ଷିତ ବେକାର ଯୁବତୀଯୁବକ ରାଜ୍ୟ ତଥା ଦେଶ ବାହାରକୁ ଦାଦନ ଖଟି ଯିବାକୁ ବାଧ ହେଉଛନ୍ତି। ଏହିକ୍ରମରେ ରାଜ୍ୟ ସରକାର ୨୦୧୪ରୁ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ କାର୍ଯ୍ୟକାରୀ କରିଛନ୍ତି। ଯୁବତୀ ଯୁବକଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ଦିଆଯାଉଥିଲେ ସୁଦ୍ଧା ଲକ୍ଷ୍ୟଧାର୍ଯ୍ୟ ପରାହତ ହୋଇଛି।

ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ ସେ ଏହାକୁ ସ୍ୱୀକାର କରିଛନ୍ତି। ଏନେଇ ପୋଲିସ ଏବଂ ଶ୍ରମ ବିଭାଗକୁ ଉପଯୁକ୍ତ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯିବ ବୋଲି କହିଛନ୍ତି।

## ଯୁକ୍ତ୨ କଳାରେ ଦେବସ୍ମିତା କଲେଜ ଟପ୍ପର



ବଡ଼ଚଣା,୧୦।୮(ଡି.ଏନ.ଏ.)

ଯୁକ୍ତ ୨ କଳା ପରୀକ୍ଷାରେ ବଡ଼ଚଣା ମହିଳା ମହାବିଦ୍ୟାଳୟର ପାସ୍ ହାର ୮୧% ହୋଇଛି। ଏଠାରେ ମୋଟ୍ ୧୧୯ ଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୪, ଦ୍ୱିତୀୟ ଶ୍ରେଣୀରେ ୨୩ ଓ ତୃତୀୟ ଶ୍ରେଣୀରେ ୬୩ ଜଣ ପାସ୍ କରିଛନ୍ତି। ଛାତ୍ରୀ ଦେବସ୍ମିତା ସାହୁ ୪୬୯ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। ଛାତ୍ରୀମାନଙ୍କ ଏହି ସଫଳତା ପାଇଁ ଅଧ୍ୟାପିକା, ଅଧ୍ୟାପକ ଓ ଅଭିଭାବକଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି। ଅଧ୍ୟକ୍ଷା ନିର୍ମଳା ଦାଶ ଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ସଂକ୍ଷେପରେ

### ମୋବାଇଲ ଚୋରି ବେଳେ ଧରାପଡ଼ିଲେ ୨ ଯୁବକ

**କଳିଙ୍ଗନଗର,୧୦।୮(ଡି.ଏନ.ଏ.):** ଯାଜପୁର ଜିଲା ଟମକା ଥାନା ଅନ୍ତର୍ଗତ ଚିଡ୍ରି ସାପ୍ତାହିକ ହାଟରୁ ମଙ୍ଗଳବାର ମୋବାଇଲ ଚୋରି କରୁଥିବାବେଳେ ୨ ଯୁବକଙ୍କୁ ଧରି ଲୋକେ ପୋଲିସ ଜିମା ଦେଇଛନ୍ତି। ପୋଲିସ ସେମାନଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଯାଜପୁର ଟାଉନ ଥାନା ଅଧୀନ ଅକର ଗାଁର ଲକ୍ଷ୍ମଣ ଦାସ ଓ କୋରେଇ ଥାନା ଅଧୀନ ପୂର୍ବକୋର୍ଟର ଅଦ୍ଭୁଲା ଓମ୍। ସୂଚନା ମୁତାବକ, ହାଟରୁ ମାଣତିରି ଗାଁର ଦାମୋଦର ବେହୁରା ମାଛ କିଣୁଥିବାବେଳେ ତାଙ୍କ ପକେଟରୁ ମୋବାଇଲ ନେଇ ଜଣେ ଯୁବକ ପଳାଉଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଲୋକେ ସମ୍ପୃକ୍ତ ଯୁବକଙ୍କୁ କାବୁ କରିଥିଲେ। ଏହାର କିଛି ସମୟ ପରେ ହାଟରେ ଟୋଲକାନିର ବିଜୟ କୁମାର ସାହୁ ସଉଦା କିଣୁ ଥିବାବେଳେ ତାଙ୍କ ପକେଟରୁ ଜଣେ ଯୁବକ ମୋବାଇଲ ନେଇ ପଳାଉଥିଲେ। ତାଙ୍କୁ ବିଜୟ କାବୁ କରି ହୋହାଲ୍ଲା କରିବା ପରେ ପାଖ ଲୋକେ ଆସି ଯୁବକଙ୍କୁ ନିର୍ଘୁମ ଛେଚିଥିଲେ। ପରେ ଉଭୟ ଲୁଟେରାଙ୍କୁ ଲୋକେ ପୋଲିସ ଜିମା ଦେଇଥିଲେ।

### ଛତୁ ମଞ୍ଜି ଉତ୍ପାଦନ କେନ୍ଦ୍ର ଉଦ୍‌ଘାଟିତ

**କଳିଙ୍ଗନଗର,୧୦।୮(ଡି.ଏନ.ଏ.):** ଦାନଗଦି ବ୍ଲକ ଅଞ୍ଚଳର ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ ବ୍ଲକ ନିକଟ ତ୍ରିଜଙ୍ଗା କଲୋନୀରେ ଏକ ଛତୁ ମଞ୍ଜି ଉତ୍ପାଦନ କେନ୍ଦ୍ର ଆରମ୍ଭ କରାଯାଇଛି। ବୁଧବାର ସନ୍ଧ୍ୟାରେ ଏହାକୁ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଉଦ୍‌ଘାଟନ କରିଛନ୍ତି। ଜିଲା ଖଣିଜ ନ୍ୟାସ ପାଣ୍ଠିରୁ ୯ ଲକ୍ଷ ୪୮ ହଜାର ଟଙ୍କା ବିନିଯୋଗରେ ଏହି କେନ୍ଦ୍ର ସ୍ଥାପନ କରାଯାଇଛି। ଏହି ଅବସରରେ ମହିଳାଙ୍କ ଆର୍ଥିକ କ୍ଷମତା ବୃଦ୍ଧି ପାଇଁ ବୈଜ୍ଞାନିକ ପଦ୍ଧତିରେ ଛତୁ ଚାଷ କରିବା ଲାଗି ମନ୍ତ୍ରୀ ପ୍ରୋତ୍ସାହିତ କରିଛନ୍ତି।

### ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ମନ୍ତ୍ରୀ

**କଳିଙ୍ଗନଗର,୧୦।୮(ଡି.ଏନ.ଏ.):** ଦାନଗଦି ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଏକ ସମୀକ୍ଷା ବୈଠକ ବ୍ଲକ ସଭା ଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଯୋଗଦେଇ ବିଭିନ୍ନ କାର୍ଯ୍ୟର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ବ୍ଲକର ୨୩ ପଞ୍ଚାୟତରେ ଡ୍ରେନ୍ ନିର୍ମାଣ ପାଇଁ ମନ୍ତ୍ରୀ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଛେଳି ଏବଂ କୁକୁଡ଼ା ଚାଷକୁ ପ୍ରୋତ୍ସାହିତ କରି ଜୀବିକା ମିଶନ ମାଧ୍ୟମରେ ଅଧିକ ଲୋକଙ୍କୁ ରୋଜଗାରକ୍ଷମ କରିବାକୁ ପ୍ରସ୍ତାବ ଦେଇଛନ୍ତି। ତୃଣମୂଳସ୍ତରରେ କାର୍ଯ୍ୟ ନିରୀକ୍ଷଣ ପାଇଁ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟରେ ୱାର୍ଡମେମ୍ବରଙ୍କ ମତାମତ ନେବାକୁ ମନ୍ତ୍ରୀ ବ୍ଲକ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି। ବୈଠକରେ ବ୍ଲକ ଅଧ୍ୟକ୍ଷା ଅର୍ଚ୍ଚନା ଦାସ, ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି, ୩ ଜିଲାପରିଷଦ ସଭ୍ୟା ସ୍ମୃତିରାଣୀ ରାଉତ, ଟିନା ହାଇବ୍ରୁ ଓ ସୁଚିତ୍ରା ବିଶାଳ, ବିଡିଓ ମଣିପ୍ରସାଦ ମିଶ୍ର ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ୩୨ ମାଟ୍ରିକ ମେଧାବୀଙ୍କୁ ସମ୍ବର୍ଦ୍ଧନା


ଅତିଥି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଧର୍ମଶାଳା,୧୦।୮(ଡି.ଏନ.ଏ.)

ଚଳିତ ମାଟ୍ରିକ ପରୀକ୍ଷାରେ ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଏ-୧ ଗ୍ରେଡ୍ ପାଇଥିବା ୩୨ ମେଧାବୀ ଛାତ୍ରୀଛାତ୍ରଙ୍କୁ ବୁଧବାର କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ସ୍ୱାଇଁଙ୍କ ସଭାପତିତ୍ୱରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମଠାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିବା ବେଳେ ଉଦୟବଟ ହାଇସ୍କୁଲର ପ୍ରଧାନଶିକ୍ଷକ ମୋହନ ଚରଣ ସାମଲ ଏବଂ ଖଣ୍ଡିତର ହାଇସ୍କୁଲର ପ୍ରଧାନଶିକ୍ଷକ ସୁନନ୍ଦ ରାଉତ ଅତିଥି ଭାବେ ଯୋଗଦେଇଥିଲେ।

ଏ-୧ ଗ୍ରେଡ୍ ପାଇଥିବା ୩୨ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ଅର୍ପିତା ଦାସ ଏବଂ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବିଶ୍ୱମିତ୍ରା ବାରିକ ନିଜର ବକ୍ତବ୍ୟ ରଖି ବିଦ୍ୟାଳୟର ଶିକ୍ଷୟିତ୍ରୀ,ଶିକ୍ଷକ ଓ ପିତା, ମାତାଙ୍କୁ ଶ୍ରେୟ ଦେଇଥିଲେ।

କାର୍ଯ୍ୟକ୍ରମରେ ଜିଲା ଉପଶିକ୍ଷା ଅଧିକାରୀ ଶଶୀଧର ସିଂ, ଧର୍ମଶାଳା ବ୍ଲକ୍ ଶିକ୍ଷା ଅଧିକାରୀ, ରସୁଲପୁର ବ୍ଲକ୍ ଶିକ୍ଷା ଅଧିକାରୀ, ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ୬୬ଟି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକ, ସମସ୍ତ ହାଇସ୍କୁଲ ପରିଚାଳନା କମିଟିର ସଭାପତି, ଏ-୧ ଗ୍ରେଡ୍ ପାଇଥିବା ସମସ୍ତ ପିଲାଙ୍କ ଅଭିଭାବକ ଉପସ୍ଥିତ ଥିଲେ। ଡ. ପ୍ରିୟନାଥ ମହାପାତ୍ର, ନ୍ୟାଶନାଲ ଫାଉଣ୍ଡେଶନର ସଦସ୍ୟ ଜଳଧର ମହାନ୍ତି, ଚନ୍ଦ୍ରଶେଖର ସ୍ୱାଇଁ ଏବଂ ଅମୂଲ୍ୟ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଖୁଡୀଙ୍କୁ ମାଡ଼, ପୁତୁରା କୋର୍ଟ ଚାଲାଣ

ରସୁଲପୁର,୧୦।୮(ଡି.ଏନ.ଏ.)

କୁଆଖିଆ ଥାନା ଅନ୍ତର୍ଗତ ସାରଙ୍ଗପୁର ଗ୍ରାମର ମହିଳା ସରସ୍ୱତୀ ସାହୁଙ୍କ ଅଭିଯୋଗ ବଳରେ ତାଙ୍କ ପୁତୁରା ନାରାୟଣ ପାତ୍ର(୨୭)ଙ୍କୁ ପୋଲିସ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଙ୍କ ଘର ଏହି ଥାନା ଅନ୍ତର୍ଗତ ନଠୁଆବର ପଞ୍ଚାୟତ ଆଦମପୁର ଗ୍ରାମରେ ବୋଲି ଜଣାପଡ଼ିଛି। ଜମିବାଡ଼ି ବିବାଦକୁ କେନ୍ଦ୍ରକରି ପୁତୁରା ଓ ଖୁଡ଼ୀଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ଏହି ବିବାଦକୁ ନେଇ ସରସ୍ୱତୀ କୋର୍ଟରେ କେସ୍ କରିଥିଲେ। ପରେ ସରସ୍ୱତୀ ତାଙ୍କ ବାପଘର ଆଦମପୁରକୁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତ ନାରାୟଣ ଖୁଡ଼ୀ ଉପରେ ଚାପ ସୃଷ୍ଟି କରି କୋର୍ଟରୁ କେସ୍ ଉଠାଇବାକୁ କହିଥିଲେ। ମାତ୍ର ଏଥିରେ ସରସ୍ୱତୀ ରାଜି ନ ହେବାରୁ ନାରାୟଣ ତାଙ୍କୁ ମାଡ଼ ମାରିଥିଲେ। ଏହି ଘଟଣା ଚଳିତ ମାସ ୩ତାରିଖରେ ଘଟିଥିଲା। ପୋଲିସ ସରସ୍ୱତୀଙ୍କ ଅଭିଯୋଗ ଆଧାରରେ ଏକ ମାମଲା ନଂ.୨୪୫।୨୨ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତକାରୀ ଅଧିକାରୀ ନରେନ ଦାସ ଅଭିଯୁକ୍ତଙ୍କୁ ତାଙ୍କ ଘରୁ ଗିରଫ କରିଥିଲେ।

## ସାରର ବ୍ୟାପକ କଳାବଜାର

ଚଣ୍ଡିଖୋଲ,୧୦।୮(ଡି.ଏନ୍.ଏ.)

**କୃଷି ବିଭାଗ ନୀରବଦ୍ରଷ୍ଟା**

ଜୁଲାଇରେ ବର୍ଷା କମିଥିବାବେଳେ ଅଗଷ୍ଟରେ ତାହା ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି ଚାଷ କାର୍ଯ୍ୟ ଆରମ୍ଭ ହୋଇଛି। ତେଣୁ ସାରର ଅଧିକ ଆବଶ୍ୟକତା ରହିଛି। ତେବେ ଆବଶ୍ୟକତାକୁ ଲକ୍ଷ୍ୟ ରଖି କେତେଜଣ ବ୍ୟବସାୟୀ ଓ ସମବାୟ ସମିତି ସାରକୁ କଳାବଜାର କରୁଛନ୍ତି। ବର୍ତ୍ତମାନ ୟୁରିଆ ସାରର ଅଧିକ ଚାହିଦା ଥିବାରୁ ଏହାର ସରକାରୀ ମୂଲ୍ୟ ୨୬୬ଟଙ୍କା ହୋଇଥିବା ବେଳେ ଏହା କଳାବଜାରରେ ୪୫୦ଟଙ୍କାରେ ବିକ୍ରି ହେଉଛି। ଗ୍ରୋମୋର ସାରର ଦାମ ୧୭୦୦ଟଙ୍କା ହୋଇଥିବା ବେଳେ ଏହାକୁ ୧୮୫୦ ଟଙ୍କାରେ ବିକ୍ରି କରାଯାଉଛି। ଏ ନେଇ ଚାଷୀମାନେ ଅଭିଯୋଗ କରିବା ସହିତ କଳାବଜାରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏ କଥା କୃଷି ବିଭାଗର ଅଧିକାରୀମାନେ ଜାଣିଥିଲେ ମଧ୍ୟ ନୀରବ ରହୁଛନ୍ତି। ଲିଖିତ ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ କହି ବୋଲି ସଫେଇ ଦେଉଛନ୍ତି।

ସୂଚନାଥାଉକି, ବଡ଼ଚଣା ବ୍ଲକରେ ୨ଜଣ ସାର ବିକ୍ରି କରିବା ପାଇଁ ସରକାରୀ ସ୍ୱୀକୃତି ପାଇଥିବା ବେଳେ ଗ୍ରାମାଞ୍ଚଳରେ ମଧ୍ୟ ଏହା ବିକ୍ରି କରାଯାଉଛି। ସେହିଭଳି ୫ଟି ସମବାୟ ସମିତି ସାର ଆଣି ବିକ୍ରି କରୁଥିବା ଜଣାପଡ଼ିଛି। ତେବେ ସାର ନେବା ବେଳେ ଚାଷୀଙ୍କୁ ୟୁରିଆ ସହିତ ଅଣୁସାର ଓ ଗ୍ରୋମର ସହିତ ଅଣୁସାର ନେବାକୁ ବାଧ କରାଯାଉଛି। ଚଣ୍ଡିଖୋଲ, ବଡ଼ଚଣା, ଛତିଆ, ବାଲିଚନ୍ଦ୍ରପୁର ଓ ବାଲିକୁଦା ବଜାରରେ ସାର ବିକ୍ରି ହେଉଥିବାବେଳେ ଏହା ଅଧିକ ଦାମରେ ବିକ୍ରି ହେଉଥିବାରୁ ଚାଷୀ ବାଧ ହୋଇ କିଣୁଛନ୍ତି। ଯେହେତୁ ତଳି ରୁଆ ସମୟରେ ସାରର ଆବଶ୍ୟକତା ଅଛି ସେଥିପାଇଁ ଅଧିକ ଚଢ଼ା ଦାମରେ ତାହା କିଣା ଯାଉଛି। ଏ ସମ୍ପର୍କରେ ବଡ଼ଚଣା ବ୍ଲକ କୃଷି ଅଧିକାରୀ ଲୋକନାଥ ମିଶ୍ରଙ୍କୁ ପଚାରିବାରୁ ସେ କୁହନ୍ତି, ସାର କମ୍ପାନୀଗୁଡ଼ିକ ଡିଲରମାନଙ୍କ ନିକଟରେ ପହଞ୍ଚାଇବାର ବ୍ୟବସ୍ଥା ଅଛି। ହେଲେ କମ୍ପାନୀମାନେ ତାହା ପହଞ୍ଚାଉ ନାହାନ୍ତି। ସେଥିପାଇଁ ପରିବହନ ଖର୍ଚ୍ଚ ସେମାନଙ୍କୁ ଅଧିକ ପଡ଼ି ଯାଉଛି। ସାର ବସ୍ତା ସହ କେତେକ କମ୍ପାନୀ ଅଣୁସାର ଦେଉଥିବାରୁ ଡିଲରମାନେ ଚାଷୀଙ୍କୁ ଅଣୁସାର ଦେବାକୁ ବାଧ ହେଉଛନ୍ତି। ପରୋକ୍ଷରେ କଳାବଜାରକୁ ସେ ସ୍ୱୀକାର କରିଛନ୍ତି। ତେବେ ଯଦି ଆମ ନିକଟରେ କେହି ଲିଖିତ ଅଭିଯୋଗ କରନ୍ତି ଆମେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି ସେ ପ୍ରକାଶ କରିଛନ୍ତି।

# କଳା କାହାଣୀକୁ ଝୁରୁଛନ୍ତି ବରୀବାସୀ

ବରୀ,୧୦।୮(ଡି.ଏନ.ଏ.)

**ଗହ୍ମା ପୂନେଇଁ ଜହ୍ନ ଉଠିବା ପୂର୍ବରୁ ରକ୍ତରେ ଭିଜିଥିଲା କଳାମାଟିଆ**

ସେଦିନ ଥିଲା ୧୯୪୨ ଅଗଷ୍ଟ ୨୬ ତାରିଖ। ଗହ୍ମା ପୂନେଇଁ ଜହ୍ନ ଉଠିବା ପୂର୍ବରୁ ରକ୍ତରେ ଭିଜି ଯାଇଥିଲା ବରୀ ବ୍ଲକ ଅଞ୍ଚଳର କଳାମାଟିଆ, ଯାହାକି ଆଜି ରକ୍ତତୀର୍ଥ ଭାବେ ପରିଚିତ। ଗୁଳିକାଣ୍ଡରେ ସାଉଁଟି ମଳିକ, ସାନନ୍ଦ ସ୍ୱାଇଁ, ହାଡ଼ିବନ୍ଧୁ ପଣ୍ଡା ଓ ମାୟାଧର ଭୂୟାଁ ଟଳି ପଡ଼ିଥିଲେ। ସେଦିନର ସ୍ମୃତି ଆଜିବି ମନେ ପଡ଼ିଲେ ଲୋକଙ୍କ ଆଖିରୁ ଅମାନିଆ ଲୁହ ଗଡ଼େ। ମହାତ୍ମା ଗାନ୍ଧୀଙ୍କ ଭାରତଛାଡ଼ ଆନ୍ଦୋଳନ ଡାକରାରେ ବ୍ରିଟିଶଙ୍କ ସହ ସଂଗ୍ରାମ କରିବାକୁ ଆଗେଇ ଆସିଥିଲେ ବରୀ ଅଞ୍ଚଳର ବହୁ ଯୁବକ। ନିଜ ଜୀବନକୁ ବାଜି ଲଗାଇ ଦେଶମାତୃକାର ସ୍ୱାଧୀନତା ପାଇଁ କିଛିବି କରିବାକୁ ସେମାନେ ପଶ୍ଚାତପଦ ହୋଇ ନ ଥିଲେ। ଏହାର କିଛି ଦିନ ପୂର୍ବରୁ ସଂଗ୍ରାମୀମାନେ କାଇପଡ଼ା ଡାକଘର ପୋଡ଼ି ଦେଇଥିଲେ। ପରବର୍ତ୍ତୀ ଅବସ୍ଥାରେ କାଇପଡ଼ା ଗୋଲାହାଟଠାରେ ସଂଗ୍ରାମୀମାନେ ଏକ ବୈଠକ କରିଥିବା ବେଳେ ସ୍ଥାନୀୟ କୃଷ୍ଣନଗର, ଗମ୍ଭୁ, ଚନ୍ଦନପୁର, ବାଲିବିଲ ଓ ସେରପୁର ଅଞ୍ଚଳର ସଂଗ୍ରାମୀମାନେ ଯୋଗ ଦେଇଥିଲେ। ହଠାତ୍ ତତ୍କାଳୀନ ଡି.ଏସ୍.ପି ଲକ୍ଷ୍ମଣ ମିଶ୍ର ସଦଳବଳ ଗୋଲାହାଟଠାରେ ପହଞ୍ଚି ସଂଗ୍ରାମୀଙ୍କୁ ଗିରଫ କରିବା ସହ ଚଲାଇ ଚଲାଇ କଳାମାଟିଆସ୍ଥିତ ଦୁଧେଇ ନଦୀ ନିକଟକୁ ଆଣିଥିଲେ। କିନ୍ତୁ ଏହାକୁ ସହଜରେ ଗ୍ରହଣ କରିପାରି ନ ଥିଲେ ସେଠାରେ ଉପସ୍ଥିତ ଥିବା ସଂଗ୍ରାମୀମାନେ। ଗିରଫ ସାଥୀମାନଙ୍କୁ ବ୍ରିଟିଶ ଫୌଜ କବଳରୁ ଛଡ଼େଇ ନେବାକୁ ପ୍ରୟାସ କରିଥିଲେ। ଏକକାଳୀନ ବହୁ ସଂଗ୍ରାମୀ ମାଡ଼ି ଆସୁଥିବାରୁ ତତ୍କାଳୀନ ଡି.ଏସ୍.ପି ମିଶ୍ର ଗୁଳି ଚାଳନା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଉପରୋକ୍ତ ୪ଜଣ ଶହୀଦ ହୋଇଥିଲେ।


ଶହୀଦ ସ୍ମୃତି ସ୍ତମ୍ଭ।

ଏବେ ସମୟ ବଦଳିଛି, ମାତ୍ର ଅତୀତର ସେହି ଇତିହାସ ଓ ସ୍ମୃତିକୁ ମନେ ପକାଇ ସେହି କଳା କାହାଣୀକୁ ଝୁରୁଛନ୍ତି ବରୀବାସୀ। ସେଦିନର ଶହୀଦ ଆଜି ଇତିହାସ ପୃଷ୍ଠାରେ ସ୍ଥାନ ପାଇଛନ୍ତି। ସେମାନଙ୍କ ତ୍ୟାଗ, ଆଦର୍ଶ ଓ ନିଷ୍ଠା ପାଇଁ ଭାରତବର୍ଷ ଗର୍ବ କରେ। ତେବେ ଦେଶ ସ୍ୱାଧୀନର ୭୫ ବର୍ଷ ହେବାକୁ ଯାଉଥିବା ବେଳେ ଏହି ରକ୍ତ ତୀର୍ଥର ଉନ୍ନତୀକରଣ ହୋଇପାରି ନ ଥିଲା। ଏହି ଅଞ୍ଚଳର ଝିଅ ଓ ବୋହୂ ସୁନନ୍ଦା ଦାସ ବିଧାୟିକା ହେବାପରେ ବ୍ୟକ୍ତିଗତ ଭାବେ ଉଦ୍ୟମ କରି ଶହୀଦ ମେମୋରିଆଲ ଟ୍ରଷ୍ଟ ଗଠନ କରିବା ସହ ସ୍ମୃତି ପୀଠର ଉନ୍ନତୀକରଣ ନିମନ୍ତେ ଅଣ୍ଟା ଭିଡ଼ିଛନ୍ତି। ତାଙ୍କ ଉଦ୍ୟମ ଯୋଗୁ ଆଜି ସେହି କୀର୍ତ୍ତିସ୍ତମ୍ଭର ସ୍ମାରକୀ ଜନମାନସରେ ଅଭୁଲା ସ୍ମୃତି ହୋଇ ରହିଥିବା ଦେଖିବାକୁ ମିଳିଛି। ପୀଠର ଉନ୍ନତି ପାଇଁ ବିଧାୟିକା ବିଧାନସଭାରେ ପର୍ଯ୍ୟଟନ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ତେବେ କିପରି ଭାବେ ଏହା ଭାରତ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିବ ସେ କ୍ଷେତ୍ରରେ ପଦକ୍ଷେପ ନେବେ ବୋଲି ବିଧାୟିକା ମତ ରଖିଛନ୍ତି।

# ୨ ପାନୀୟ ଜଳ ପ୍ରକଳ୍ପର ତଦନ୍ତ କଲେ ଲୋକାୟୁକ୍ତ

ଧର୍ମଶାଳା/ଚଢ଼େଇଧରା/ଚଣ୍ଡିଖୋଲ,୧୦।୮(ଡି.ଏନ.ଏ.)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଧୀନ କମାଗଡ଼ ପଞ୍ଚାୟତର ଗେଙ୍ଗୁଟିଆ ଓ ଭରତପୁରଠାରେ ବସୁଧା ଯୋଜନାରେ ନିର୍ମିତ ୨ଟି ପାନୀୟ ଜଳ ଯୋଗାଣ ପ୍ରକଳ୍ପର ବୁଧବାର ଲୋକାୟୁକ୍ତ ତଦନ୍ତ ହୋଇଛି। ଲୋକାୟୁକ୍ତ ଉପନିର୍ଦ୍ଦେଶକ ମୋହନ ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଗୋଳ ଆରଡବ୍ଲ୍ୟୁଏସ୍‌ଏସ୍‌ର ଅଧୀକ୍ଷଣ ଯନ୍ତ୍ରୀ ବିଭୂତି ଭୂଷଣ ପଣ୍ଡା ପ୍ରକଳ୍ପ ସ୍ଥାନରେ ପହଞ୍ଚି ମାପଚୁପ କରିଛନ୍ତି। ଚଣ୍ଡିଖୋଲ ଆରଡବ୍ଲ୍ୟୁଏସଏସ୍‌ର ଅଧୀକ୍ଷଣ ଯନ୍ତ୍ରୀ ସୁଶାନ୍ତ ଘଡ଼େଇ, ସହକାରୀ ଯନ୍ତ୍ରୀ କୁଳମଣି ମହାରଣା ଓ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଏହି ତଦନ୍ତରେ ସହାୟତା କରିଛନ୍ତି। ତଦନ୍ତକାରୀ ଦଳ ପ୍ରଥମେ ବିଭାଗୀୟ କାର୍ଯ୍ୟାଳୟ ଚଣ୍ଡିଖୋଲଠାରେ ପହଞ୍ଚି କାଗଜପତ୍ର ତନଖି କରିଥିଲେ। ପରେ ଭରତପୁରଠାରେ ପହଞ୍ଚି ତଦନ୍ତ କରିଛନ୍ତି।

ଗ୍ରାମ୍ୟ ପାନୀୟଜଳ ଯୋଗାଣ ଚଣ୍ଡିଖୋଲ ଡିଭିଜନ ଅଧୀନରେ ଉକ୍ତ ୨ଟି ପ୍ରକଳ୍ପ ନିର୍ମାଣ ହୋଇଥିଲା। ତେବେ ଏହି ନିର୍ମାଣରେ ଅନିୟମିତତା ହୋଇଥିବାରୁ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେଉରା ବିଭାଗକୁ ସୂଚନା ଅଧିକାର ବଳରେ ତଥ୍ୟ ମାଗିଥିଲେ। ବିଭାଗ ପକ୍ଷରୁ ଯେଉଁ ତଥ୍ୟ ଦିଆଯାଇଥିଲା ସେଥିରେ ସନ୍ଦେହ ପ୍ରକାଶ ହେବାରୁ ବେହେରା ପୁନର୍ବାର ୦୮।୪।୨୨ରେ ତଥ୍ୟ ମାଗିଥିଲେ। ମାତ୍ର ବିଭାଗ ପକ୍ଷରୁ ଦିଆଯାଇଥିବା ୨ଟି ଯାକ ତଥ୍ୟରେ ତାଳ ମେଳ ରହି ନ ଥିଲା। ଗୋଟିଏ ପ୍ରକଳ୍ପ ପାଇଁ ୨ ପ୍ରକାର ତଥ୍ୟ ବିଭାଗ ତରଫରୁ ଦିଆଯିବାରୁ ଏ ନେଇ ସେ ଲୋକାୟୁକ୍ତରେ ମାମଲା ଦାୟର କରିଥିଲେ।


ଭରତପୁର ପାନୀୟ ଜଳ ଯୋଗାଣ ପ୍ରକଳ୍ପର ତଦନ୍ତ କରାଯାଉଛି।

ଏହି ମାମଲାରେ ନିର୍ବାହୀ ଯନ୍ତ୍ରୀ ଅମିୟ ପରିଡା, ଏଷ୍ଟିମେଟର ସଂଯୁକ୍ତା ସା ଓ ଆକାଉଣ୍ଟ ଅଫିସର ବିଭାଗ ପକ୍ଷରୁ ନିଜର ପକ୍ଷ ରଖିସାରିଥିଲେ ମଧ୍ୟ ଏଥିରେ ଲୋକାୟୁକ୍ତ ସନ୍ତୋଷ ପ୍ରକାଶ କରି ନ ପାରି ଏହାର ସ୍ୱତନ୍ତ୍ର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଅଧିକାରୀମାନେ ୧୦ ଓ ୧୨ରେ ଦୁଇ ଦିନିଆ ତଦନ୍ତ ପାଇଁ ଆସିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ସୁଶାନ୍ତ କୁମାର ଘଡ଼ାଇଙ୍କୁ ପଚାରିବାରୁ ସେ କହିଛନ୍ତି, ଲୋକାୟୁକ୍ତଙ୍କ ପ୍ରତିନିଧି ଦଳ ଆସି କାର୍ଯ୍ୟାଳୟରେ ପହଞ୍ଚି କାଗଜପତ୍ର ତନଖି କରିବା ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଛନ୍ତି। ତେଣୁ ସେମାନେ ଯାହା ତଥ୍ୟ ମାଗିବେ ଆମେ ସମ୍ପୂର୍ଣ୍ଣ ସହଯୋଗ କରିବୁ।

## ମନ୍ଦିର ନିକଟରୁ ବାଇକ୍ ଚୋରି

ଡରାବିଶ, (ସ୍ୱ.ପ୍ର.): ତେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଲୁଣାନଦୀ ପଠାରେ ଥିବା ଖଲାରେଶ୍ୱର ମନ୍ଦିର ନିକଟରୁ ଏକ ବାଇକ୍ ଚୋରି ହୋଇଥିବା ବୁଧବାର ଚାନ୍ଦୋଳ ଫାଣ୍ଡିରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ମୁକୁନ୍ଦପୁର ଗାଁର ପ୍ରିୟବ୍ରତ ଦାସ ତାଙ୍କ ହିରୋ ଡିଲକ୍ସ (ଓଡ଼ି୦୫ଏଏଚ୍୩୯୪୨) ବାଇକ୍‌ରେ ମଙ୍ଗଳବାର ଖଲାରେଶ୍ୱର ମନ୍ଦିରକୁ ଯାଇଥିଲେ। ସେଠାରେ ବାଇକ୍ ରଖି ମନ୍ଦିରକୁ ମହାଦେବଙ୍କ ଦର୍ଶନ ପାଇଁ ମନ୍ଦିର ଭିତରକୁ ଯାଇଥିଲେ। ମନ୍ଦିରରୁ ଫେରି ଦେଖନ୍ତି ତ ସେ ରଖିଥିବା ସ୍ଥାନରେ ତାଙ୍କର ବାଇକ୍‌ଟି ନାହିଁ। ସେ ବିଭିନ୍ନ ଆଡ଼େ ଖୋଜାଖୋଜି କରି ବାଇକ୍‌ର ସନ୍ଧାନ ନ ପାଇ ନିରାଶ ହୋଇ ଶେଷରେ ଫାଣ୍ଡିରେ ଅଭିଯୋଗ କରିଥିଲେ।

## ସଂକ୍ଷେପରେ

### ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

କେନ୍ଦ୍ରାପଡ଼ା ଅଫିସ, ୧୦।୮: କେନ୍ଦ୍ରାପଡ଼ା ସହରର ସାନ୍ତସାହିସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର ପରିସରରେ ଜ୍ଞାନ ବିଜ୍ଞାନ ମେଳା ସୋମବାର ଆୟୋଜିତ ହୋଇଯାଇଛି। ପରିଚାଳନା ସମିତି ସଭାପତି ଗିରିଶ କୁମାର କର ଓ ସମ୍ପାଦକ ହିମାଂଶୁ ଶେଖର ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଅପରାହ୍ନ ମେଳା ଉଦ୍‌ଯାପନୀ ସଭାରେ ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ରାଉତ ଅଧକ୍ଷତା କରିଥିଲେ। ଏଥିରେ ବିରୂପା ମହାବିଦ୍ୟାଳୟ ଅଧାପକ ବାପୁଜୀ ମହାପାତ୍ର ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଜ୍ୟୋତିର୍ମୟ ଦାସ, ଡ. ରାମ ଗୋପାଳ ଓ ଲକ୍ଷ୍ମଣ ମହନ୍ତ ଯୋଗ ଦେଇଥିଲେ। ବରିଷ୍ଠ ବିଜ୍ଞାନ ଆଚାର୍ଯ୍ୟ ସଞ୍ଜୟ ସାମଲ, ବିଜ୍ଞାନ ପ୍ରମୁଖ ସନ୍ତୋଷ କୁମାର ମିଶ୍ର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ମେଳାରେ ମୋଟ ୩୪୧ ପ୍ରତିଯୋଗୀ ଭାଗ ନେଇଥିଲେ। ଶିଶୁ ବିଦ୍ୟା ମନ୍ଦିରର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

### ଆଜାଦି କା ଅମୃତ ମହୋତ୍ସବ ଉଦ୍‌ଯାପିତ

କେନ୍ଦ୍ରାପଡ଼ା ଅଫିସ,୧୦।୮: କେନ୍ଦ୍ରାପଡା ଜିଲା ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ସ୍ଥାନୀୟ ବଗଡାଠାରେ ଆଜାଦି କା ଅମୃତ ମହୋତ୍ସବର ୫ ଦିନିଆ କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି। ବୃନ୍ଦାବତୀ ଯୁବକ ସଂଘ ସହାୟତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁରୁଣା ତଥା ସୁପ୍ତ ଯୁବକ ସଂଘର ଉତ୍ଥାନ, ନୂତନ କ୍ଲବ ଗଠନ, ନେହେରୁ ଯୁବ କେନ୍ଦ୍ର ସହିତ ସଂଯୋଗୀକରଣ, ହର୍ ଘର୍ ତ୍ରିରଙ୍ଗା, ବୃକ୍ଷରୋପଣ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ଖେଳ ଶିକ୍ଷକ ଉତ୍ପଳ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ମେଜର ଭରତ ଚନ୍ଦ୍ର ଜେନା, ମୁଖ୍ୟବକ୍ତା ସେନା କର୍ମଚାରୀ ଦୁର୍ଗା ପ୍ରସାଦ ସ୍ୱାଇଁ, ସମ୍ମାନୀତ ଅତିଥି ଯୁବ କେନ୍ଦ୍ର ଜିଲା ସଂଯୋଜକ ଖୋଲି ତିରୁପତି ରେଡି, ଗିରିଶ ପାତ୍ର, ସ୍ମିତିପ୍ରଜ୍ଞା ଜେନା ଯୋଗ ଦେଇଥିଲେ। ଅତିଥିମାନେ ସ୍ୱାଧୀନତା ସଂଗ୍ରାମ, ସାମ୍ପ୍ରତିକ ସମୟରେ ଯୁବକଙ୍କ ଆବଶ୍ୟକତା ଓ ଆଜାଦି କି ଅମୃତ ମହୋତ୍ସବ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଲକ୍ଷ୍ମୀକାନ୍ତ ଜେନା, ଶକ୍ତିସ୍ୱରୂପ ସାହୁ, ବିଶ୍ୱଜିତ ଖୁଣ୍ଟିଆ, ଅଜିତ୍ ମହାନ୍ତି, ଜ୍ଞାନ ବେହେରା, ହରପ୍ରିୟା ଦାସ, ରୋଜାଲିନ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

### ବ୍ଲକସ୍ତରୀୟ ଜାତୀୟ କୃମିନାଶକ ସଚେତନତା ଶିବିର

ପାଟକୁରା,୧୦।୮(ଡି.ଏନ.ଏ.): ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ବ୍ଲକସ୍ତରୀୟ ଜାତୀୟ କୃମିନାଶକ ଦିବସ ପାଇଁ ସଚେତନତା ଶିବିର ଆୟୋଜନ ହୋଇଥିଲା। ଜାତୀୟ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ଆୟୋଜିତ ଶିବିରରେ ଗରଦପୁର ବ୍ଲକ ଅଞ୍ଚଳରେ ଥିବା ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ସାମିଲ ହୋଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ନିରଞ୍ଜନ କର, ଡା. ହିମାଂଶୁ ଭୂଷଣ ଷଡ଼ଙ୍ଗୀ ଓ ସ୍ୱାସ୍ଥ୍ୟ ମିଶନର ବିପିଏମ୍ ଉଷାରାଣୀ ବାରିକ ଶିବିର ପରିଚାଳନା କରିଥିଲେ। ପିଲାମାନଙ୍କୁ ସଚେତନ କରାଇବାକୁ ଶିକ୍ଷକମାନଙ୍କ ବଳିଷ୍ଠ ଭୂମିକା ରହିଥିବା କଥା ଡାକ୍ତରମାନେ କହିଥିଲେ। ସରକାରଙ୍କ ଦ୍ୱାରା ଅଗଷ୍ଟ ୧୨ରେ ୧ ରୁ ୧୮ ବର୍ଷର ସମସ୍ତ ଶିଶୁ ଓ କିଶୋର କିଶୋରୀମାନଙ୍କୁ ଆଲବେଣ୍ଡାଜୋଲ ବଟିକା ଓ ସିରପ୍ ସମସ୍ତ ଅଙ୍ଗନୱାଡି କେନ୍ଦ୍ର, ସରକାରୀ-ବେସରକାରୀ ବିଦ୍ୟାଳୟରେ ଯୋଗାଇ ଦିଆଯିବ ବୋଲି ଡା କର କହିଥିଲେ।

# ଅପରାଧୀଙ୍କ ଠିକଣା ପାଲଟୁଛି ମହାକାଳପଡ଼ା

- ଜଙ୍ଗଲ, ଦ୍ୱୀପପୁଞ୍ଜରେ ଚାଲିଛି ମନ୍ତ୍ରଣା
- ସମୁଦ୍ରପଥରେ ବାଂଲାଦେଶ ୮ ଘଣ୍ଟା
- କାଗଜପତ୍ରରେ ଚାଲିଛି ସାମୁଦ୍ରିକ ଥାନା

କେନ୍ଦ୍ରାପଡ଼ା ଅଫିସ,୧୦।୮

କେନ୍ଦ୍ରାପଡ଼ା ଜିଲାରେ ୪୮ କିଲୋମିଟର ସମୁଦ୍ର ତଟ। ସମୁଦ୍ର ତଟରେ ୬୮୨ ବର୍ଗ କିଲୋମିଟର ଜାତୀୟ ଉଦ୍ୟାନ ଭିତରକନିକା। ତଟ ସୁରକ୍ଷା ବାହିନୀ ତଟାଞ୍ଚଳର ସୁରକ୍ଷା ଦାୟିତ୍ୱରେ ଥିବା ବେଳେ ଜିଲାର ଜମ୍ବୁ, ତାଳଚୁଆ, ତନ୍ତିଆପାଳ ସାମୁଦ୍ରିକ ଥାନା ଅଛି। ଏଥିସହିତ ରାଜନଗର ଓ ମହାକାଳପଡ଼ା ଥାନା ବି ଅଛି। ୫ ଥାନା ଓ ତଟସୁରକ୍ଷା ବାହିନୀ, ବନବିଭାଗର ନଜର ସତ୍ତ୍ୱେ ସମୁଦ୍ର ପଥ ଦେଇ କେନ୍ଦ୍ରାପଡ଼ାରୁ ବାଂଲାଦେଶ ପର୍ଯ୍ୟନ୍ତ ଅବାଧ ଯାତାୟତ ହେଉଛି। ବାଂଲାଦେଶ ପର୍ଯ୍ୟନ୍ତ ସମୁଦ୍ର ପଥ ଖୋଲା ଥିବାରୁ ମାତ୍ର ୮ରୁ ୧୦ ଘଣ୍ଟା ମଧ୍ୟରେ ଅନୁପ୍ରବେଶକାରୀ ଭାରତକୁ କେନ୍ଦ୍ରାପଡ଼ା ଜିଲା ମଧ୍ୟ ଦେଇ ପଶି ଆସୁଛନ୍ତି। ସେହିପରି ଏହି ଜିଲାରୁ ସାମୁଦ୍ରିକ ଓ ବନ୍ୟ ପ୍ରାଣୀର ଚୋରା ଚାଲାଣ ହେଉଛି। ସମୁଦ୍ରର ଶାମୁକା, କଙ୍କଡାଠାରୁ ଗୋମହିଷାଦି ଚାଲାଣ ଚାଲିଛି। ଅପରପକ୍ଷେ ଅନୁପ୍ରବେଶକାରୀ ଜଙ୍ଗଲ ଜମି ବ୍ୟବହାର



ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ବୋଟ୍ ଦ୍ୱାରା ପାଟ୍ରୋଲିଂ କରାଯାଉଛି।

କରି ସ୍ଥାନୀୟ ଅଧିବାସୀଙ୍କ ପରିଚୟ ହାସଲ ସହିତ ବିଭିନ୍ନ ଅପରାଧର ସାମିଲ ହେଉଛନ୍ତି। ବିଶେଷକରି ମହାକାଳପଡ଼ା ବ୍ଲକ ଅଞ୍ଚଳ ଏବେ ଅପରାଧୀଙ୍କ ଗଡ଼ ପାଲଟିଛି। ଗହିରମଥା ସାମୁଦ୍ରିକ ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା ସତ୍ତ୍ୱେ ବାବୁବାଲି, ଅଗରନାଶୀ, ଷୋଳମୁହାଣ, ମାଦଳୀ, ଲଞ୍ଜ ଘୋଲା ଆଦି ଦ୍ୱୀପପୁଞ୍ଜ ଅପରାଧୀଙ୍କ ମନ୍ତ୍ରଣାସ୍ଥଳ ଭାବେ ପରିଚିତି ପାଇଛି। ଏହା ଜିଲା ତଥା ଦେଶ ପାଇଁ କ୍ଷତିକାରକ ବୋଲି ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି।

ସ୍ଥାନୀୟ ବାସିନ୍ଦା ସୁନିଲ କୁମାର ଗନ୍ତାୟତ, ପ୍ରତାପ କୁମାର ତ୍ରିପାଠୀ, ଅରବିନ୍ଦ ରାଉତ ପ୍ରମୁଖ ଏ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି, ବର୍ଷ ଆରମ୍ଭରୁ ଅଦ୍ୟାବଧି ମହାକାଳପଡ଼ା ଓ ରାଜନଗର ବ୍ଲକର ୫ ଥାନାରେ ଶତାଧିକ ମହିଳା ଓ ଯୁବତୀଙ୍କ ନିଖୋଜ ମାମଲା ରୁଜୁ ହୋଇଛି। ଏଥିମଧ୍ୟରୁ ୯୫ ପ୍ରତିଶତ ମାମଲାକୁ ପ୍ରେମ ବ୍ୟାପାର କହି ତଦନ୍ତ ହେଉ ନ ଥିବା ବେଳେ ବାସ୍ତବରେ ଶ୍ରମିକ ଚାଲାଣ ପରି ଘଟଣା ପରବର୍ତ୍ତୀ କାଳରେ ଜଣାପଡୁଛି। ପର୍ଯ୍ୟାପ୍ତ ଜଙ୍ଗଲ ଜମିକୁ ଜିଲା ପ୍ରଶାସନ ପକ୍ଷରୁ ତନଖି କରାଯାଉ ନ ଥିବାରୁ ଜବରଦଖଲ ବଢ଼ିବା ସହିତ ବେଆଇନ ଚିଙ୍ଗୁଡି ଘେରି ନିର୍ମାଣ ହେଉଛି। ଏହାକୁ ନେଇ ବହୁବାର ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ସହ ଗୁଳିମାଡ଼ ହୋଇଛି। ଏପରିକି ୨୦୦୧ ବନିପାଳରେ ଏକ ନକଲି ରେଡିଓ ଷ୍ଟେଶନ ନିର୍ମାଣ ଘଟଣା ଜଣା ପଡିଥିଲା। ୨୦୦୨ରେ ଫରେଷ୍ଟ ଗାର୍ଡ ଶ୍ୟାମ ସିଂହଙ୍କୁ ଗୁଳି ମାରି କେତେଜଣ ଦୁର୍ବୃତ୍ତ ହତ୍ୟା କରିଥିଲେ। ସେହିପରି ସ୍ଥାନୀୟ ଅଞ୍ଚଳରେ ଅନୁପ୍ରବେଶ ଏକ ସମସ୍ୟା ହୋଇଛି। ଖୋଲାମେଲା ସମୁଦ୍ର ତଟ ପାଇଁ ଅପରାଧିମାନେ ଏଠାରେ ଆଡ୍ଡା ଜମାଇଛନ୍ତି। ୩ ସାମୁଦ୍ରିକ ଥାନାରେ ବୋଟ୍ ଓ କର୍ମଚାରୀ ଅଭାବ ତଟ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରତି ଥାନାରେ ୮୧ କର୍ମଚାରୀ ଓ ଉଚ୍ଚ ଇଞ୍ଜିନଯୁକ୍ତ ବୋଟ ନ ଥିବାରୁ ଅନୁପ୍ରବେଶକୁ ରୋକା ଯାଇ ପାରୁ ନ ଥିବା ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ଏସମ୍ପର୍କରେ ଏସ୍‌ପି ମଡକର ସନ୍ଦିପ ସମ୍ପଦ କହିଛନ୍ତି, ସାମୁଦ୍ରିକ ଥାନାର ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ପ୍ରକ୍ରିୟା ଜାରି ରହିଛି। କର୍ମଚାରୀ ଅଭାବକୁ ପୂରଣ କରାଯାଉଛି। ସାମୁଦ୍ରିକ ଥାନାଗୁଡିକର କ୍ଷମତା ବୃଦ୍ଧି ନିମନ୍ତେ ଉଚ୍ଚ ଅଶ୍ୱ ଶକ୍ତିବିଶିଷ୍ଟ ବୋଟ୍ ପାଇଁ ଚିଠିଲେଖା ଯାଇଥିବା ସେ ପ୍ରକାଶ କରିଛନ୍ତି।

## ଆଶାରାଣୀ ପଣ୍ଡା ମାର୍ଶାଘାଇ କଲେଜ ଟପ୍ପର

ମାର୍ଶାଘାଇ,୧୦।୮(ଡି.ଏନ୍.ଏ.)

ଓଡ଼ିଶା ଉଚ୍ଚମାଧ୍ୟମିକଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ କଳା ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ଫଳରେ ମାର୍ଶାଘାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିଛନ୍ତି। ଚଳିତ ବର୍ଷ କଳାରେ ସମୁଦାୟ ୨୩୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିରୁ ୧୧୯ ଜଣ ପ୍ରଥମ ଶ୍ରେଣୀରେ, ୬୧ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୪୫ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଆଶାରାଣୀ ପଣ୍ଡା ୫୨୩ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। ଧନ୍ଦାମୂଳକ ଶିକ୍ଷାରେ ସିପିଏମ୍ ଶ୍ରେଣୀରେ ୨୫ ଜଣ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୬ଜଣ, ଦ୍ୱିତୀୟ ଶ୍ରେଣୀରେ ୧୦ ଜଣ ଓ ତୃତୀୟ ଶ୍ରେଣୀରେ ୪ ଜଣ ପାସ୍ କରିଛନ୍ତି। ଶ୍ରବଣ କୁମାର ବିଶ୍ୱାଳ ମୋଟ ୪୧୬ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

# ବର୍ଷା ପାଣି: ଛାତ୍ରୀଙ୍କ ଯା’ଆସରେ ଅସୁବିଧା

- ପଟ୍ଟାମୁଣ୍ଡାଇର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
- ୫-ଟି ରୂପାନ୍ତରିତ ବିଦ୍ୟାଳୟର ଚିତ୍ର

ପଟ୍ଟାମୁଣ୍ଡାଇ,୧୦।୮(ସ୍ୱ.ପ୍ର.)

୫ଟି ରୂପାନ୍ତରିତ ବିଦ୍ୟାଳୟଗୁଡିକର ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ସରକାର ଲକ୍ଷାଧିକ ଟଙ୍କା ବ୍ୟୟ କରୁଛନ୍ତି। ହେଲେ ଏହାର କାମର ଉପଯୁକ୍ତ ତଦନ୍ତ କରାଯାଉ ନ ଥିବାରୁ ବହୁ ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ଏଭଳି ଦେଖିବାକୁ ମିଳିଛି, କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କ୍ଷେତ୍ରରେ। ଲଗାଣ ବର୍ଷାରେ ବିଦ୍ୟାଳୟ ପରିସରରେ ପାଣି ଜମି ରହିବାରୁ ଛାତ୍ରୀମାନେ ଯିବା ଆସିବାରେ ଅସୁବିଧା ହେଉଛି। ପାଣି ନିଷ୍କାସନ ହେବାକୁ କୌଣସି ବାଟ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜିଛି। ବିଦ୍ୟାଳୟର ପ୍ରବେଶପଥଠାରୁ ଶ୍ରେଣୀଗୃହ ପର୍ଯ୍ୟନ୍ତ ପରିସର ପାଣିରେ ବୁଡି ରହିଛି। ବିଦ୍ୟାଳୟର ପାଣି ନିଷ୍କାସନ ବ୍ୟବସ୍ଥା କରିବାକୁ ଅଭିଭାବକମାନେ ଦାବି କରିଛନ୍ତି। ସାମାଜିକ କର୍ମୀ ପ୍ରତାପ ପାଢୀ କହିଛନ୍ତି, ୫-ଟି ରୂପାନ୍ତରଣରେ ବିଦ୍ୟାଳୟରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଛି। ହେଲେ ବର୍ଷା ପାଣି ନିଷ୍କାସନର ବ୍ୟବସ୍ଥା କରାଯାଇ ନ ଥିବାରୁ ସର୍ବପୁରାତନ ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଅବସ୍ଥା ବେହାଲ ହୋଇପଡିଛି। ଏଥିରୁ ଜଣାପଡୁଛି ସରକାରଙ୍କ ଟଙ୍କା କେମିତି ଖର୍ଚ୍ଚ କରାଯାଇଛି। ଠିକାଦାର ଓ ପ୍ରଶାସନିକ ଅଧିକାରୀଙ୍କ ଲାଭଖୋର ମନୋବୃତ୍ତି



ବିଦ୍ୟାଳୟ ପରିସରରେ ପାଣି ଜମି ରହିଥିବାରୁ ପିଲାମାନେ ପଶି ଯାଉଛନ୍ତି।

ଯୋଗୁ ବିଦ୍ୟାଳୟ ପରିସରରେ ବର୍ଷା ପାଣି ଜମି ରହି ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ବିଦ୍ୟାଳୟକୁ ପାଠ ପଢିବାକୁ ଆସୁଥିବା ଛାତ୍ରୀମାନଙ୍କୁ ବିଭିନ୍ନ ସଂକ୍ରମାକ ରୋଗ ବ୍ୟାପିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ସାମାଜିକ କର୍ମୀ ରାହାସ ବିହାରୀ ବାରିକ କହିଛନ୍ତି, ୧୯୬୨ରେ ସ୍ଥାପିତ ହୋଇଥିବା ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୧୨୭ ଛାତ୍ରୀ, ୬ଷ୍ଠରୁ ୧୦ମ ପର୍ଯ୍ୟନ୍ତ ୩୨୩ ଛାତ୍ରୀ ମୋଟ ୪୫୦ ଜଣ ପିଲା ଅଧ୍ୟୟନ କରୁଛନ୍ତି। ଏହି ବିଦ୍ୟାଳୟରେ ୪ଟିରୁ ଅଧିକ ପୁରୁଣା ଆଜବେଷ୍ଟସ ଶ୍ରେଣୀଗୃହ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଏଠାରେ ପାଠ ପଢିବାକୁ ଛାତ୍ରୀମାନେ ନିରାପଦ ମଣୁ ନ ଥିବାରୁ ସେମାନଙ୍କୁ ଅନ୍ୟ କୋଠରୀରେ ଥଇଥାନ କରାଯାଉଛି। ଫଳରେ ସଂଖ୍ୟାଧିକ ପିଲା ଗୋଟିଏ କୋଠରୀରେ ବସି ପଢୁବାରୁ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ଏହି ଉଚ୍ଚ ବିଦ୍ୟାଳୟର ପାଣି ନିଷ୍କାସନ ଏକ ପ୍ରମୁଖ ସମସ୍ୟା ହୋଇଥିବାବେଳେ ପରିସରରେ ପୂର୍ତ୍ତ ବିଭାଗ ଫେବର ବ୍ରିକ୍ସ ବିଛାଇଛନ୍ତି। କିନ୍ତୁ ବିଦ୍ୟାଳୟ ପରିସରକୁ ସମତୁଲ କରି ଫେବର ବ୍ରିକ୍ସ ବିଛଶ ଯାଇ ନ ଥିବାରୁ ପାଣିରେ ବୁଡି ରହିଛି। ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀ ପ୍ରେମଲତା ପତିଙ୍କୁ ପଚାରିବାରେ ବିଦ୍ୟାଳୟକୁ ୫ଟି ରୂପାନ୍ତରିତ ଲାଗି ଆସିଥିବା ଅନୁଦାନ ଅର୍ଥ ବ୍ଲକ ମାଧ୍ୟମରେ ଖର୍ଚ୍ଚ କରାଯିବ ବୋଲି ସରକାରୀ ନିଷ୍ପତ୍ତି ଥିବା ଜିଲାପାଳଙ୍କ ଚିଠି ପାଇବା ପରେ ଅର୍ଥ ବ୍ଲକ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଥିଲା। ବିଦ୍ୟାଳୟରେ କେତେଗୋଟି ପୁରୁଣା କୋଠରୀ, ଗୃହର ମରାମତି ଓ ପୁନଃ ନିର୍ମାଣ ହୋଇଛି। ଏଥିସହ ସ୍ମାର୍ଟ କ୍ଲାସ ରୁମ୍, ପ୍ୟାନେଲ ବୋର୍ଡ, ସାଇନ୍ସ ରୁମ୍, ଇ-ଲାଇବ୍ରେରୀ, ଶୌଚାଳୟ, ୱାଇଫାଇ କନେକଶନ ଭଳି କିଛି କାର୍ଯ୍ୟ କରାଯାଇଛି ବୋଲି ସେ କହିଛନ୍ତି। ପାଣି ନିଷ୍କାସନ ପାଇଁ ଉପରିସ୍ଥ ଅଧିକାରୀ ଅବଗତ କରାଇଥିବା ସେ କହିଛନ୍ତି। ଏ ସମ୍ପର୍କରେ ବିଡିଓ ଭରତ ଚନ୍ଦ୍ର ପରିଡାଙ୍କୁ ପଚାରିବାରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଥିବା ବିଦ୍ୟାଳୟଗୁଡିକର କାର୍ଯ୍ୟ ପୂର୍ତ୍ତ ବିଭାଗ ଅଧୀନରେ ରହୁଛି। ବିଦ୍ୟାଳୟରୁ ପାଣି ନିଷ୍କାସନ ପାଇଁ ବିଭାଗୀୟ ଏସ୍‌ଡିଓଙ୍କ ସହ କଥା ହୋଇଛି। ସମସ୍ୟାର ଖୁବ୍‌ଶୀଘ୍ର ସମାଧାନ ହୋଇଯିବ ବୋଲି ସେ କହିଛନ୍ତି।

## ଟେରାକୋଟା କାମ ଦେଖି ଖୁସି ହେଲେ ଜିଲାପାଳ




ଜିଲାପାଳ ପାରୁଲ ପଟୱାରୀ ଓ ଅନ୍ୟମାନେ ଟେରାକୋଟା କାମ ଦେଖୁଛନ୍ତି।

### କୁଜଙ୍ଗରେ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା

କୁଜଙ୍ଗ,୧୦।୮(ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲାପାଳ ପାରୁଲ ପଟୱାରୀ ବୁଧବାର କୁଜଙ୍ଗ ବ୍ଲକ ପରିଦର୍ଶନ କରିବା ସହ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରିଥିଲେ। ଜିଲାପାଳ ପ୍ରଥମେ ବ୍ଲକର କୋଠି ପଞ୍ଚାୟତର ଲୁଣ୍ଠୁକୁଆଠାରେ ଥିବା ମା’ ଅନ୍ନପୂର୍ଣ୍ଣା ଟେରାକୋଟା ଉତ୍ପାଦକ ଗୋଷ୍ଠୀ, ଫତେପୁରଠାରେ ଥିବା ଜୀବନ ଜ୍ୟୋତି ଟେରାକୋଟା ପ୍ରଡ୍ୟୁସର ଗ୍ରୁପ ପରିଦର୍ଶନ କରିଥିଲେ। ଉତ୍ପାଦକ ଗୋଷ୍ଠୀର ସଦସ୍ୟମାନଙ୍କ ସହ ସେମାନଙ୍କ ଉନ୍ନତମାନର ପ୍ରଶିକ୍ଷଣ ପାଇଁ ଲୁଣ୍ଠୁକୁଆଠାରେ ଥିବା ତାଲିମ କେନ୍ଦ୍ରର ପୁନରୁଦ୍ଧାର ସମ୍ପର୍କରେ ଆଲୋଚନା କରିଥିଲେ। ଫତେପୁରଠାରେ ଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅଧୀନରେ ନୂତନ ୱାର୍କସେଡ ନିର୍ମାଣ ନିମନ୍ତେ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାଟିର ହାତୀ, ଘୋଡା, କଣ୍ଢେଇ, ମାଟିହାଣ୍ଡି, କପ, ଗ୍ଲାସ, ପ୍ଲେଟ, ଦେବାଦେବୀଙ୍କ ମୂର୍ତ୍ତି. ବୌଦ୍ଧମୂର୍ତ୍ତି, ଘରସଜା ସରଞ୍ଜାମ ଦେଖି ସନ୍ତୋଷ ପ୍ରକାଶ କରିଥିଲେ।

ଓରମାସର ଉପକାର୍ଯ୍ୟ ନିର୍ବାହୀଙ୍କୁ ଲୁଣ୍ଠୁକୁଆରେ ଥିବା ତାଲିମ କେନ୍ଦ୍ରର ପୁନରୁଦ୍ଧାର ଲାଗି ପରାମର୍ଶ ଦେବା ସଙ୍ଗେ ସଙ୍ଗେ ଅନୁଷ୍ଠାନର ଥିବା ଉପକରଣଗୁଡିକର ମରାମତି ସହ ଉକ୍ତ ବିଲ୍ଡିଂର କାମ ପାଇଁ ପରାମର୍ଶ ଦେଇଥିଲେ। ସେହିପରି ବିଶ୍ୱାଳି ପଞ୍ଚାୟତରେ ଚାଲିଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୫ ଟି ପ୍ରକଳ୍ପ ବୁଲି ଦେଖିଥିଲେ। ସେଠାରେ ଗ୍ରାମର ମହିଳାମାନେ ପାନୀୟ ଜଳ ସଂକଟ ଓ ବ୍ୟାଙ୍କି ସମସ୍ୟା ଉପରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଭୂତମୁଣ୍ଡାଇ ପଞ୍ଚାୟତରେ ଚାଲିଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୩ଟି ପ୍ରକଳ୍ପ ବୁଲି ଦେଖିବା ସହ ଫୁଲବେଲାରିଠାରେ ଥିବା ଅଙ୍ଗନୱାଡି କେନ୍ଦ୍ରର ପିଲାମାନଙ୍କ ସହ ଖୁସି ମନାଇ ଥିଲେ। ପରେ ପାରାଦୀପଗଡ ପଞ୍ଚାୟତ ଯାଇ ସେଠାକାର ଉଦ୍‌ବୃତ ବର୍ଷା ଜଳ ନିଷ୍କାସନର ବିଭିନ୍ନ ପଥ ବୁଲି ଦେଖିଥିଲେ। ଜଳ ନିଷ୍କାସନ ପାଇଁ ବିକଳ୍ପ ଉପାୟ ପାଇପ ଯୋଗେ କାରିବାକୁ ସ୍ଥାନୀୟ ସରପଞ୍ଚ ସସ୍ମିତା ବେହେରା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶେଷରେ ବ୍ଲକ କାର୍ଯ୍ୟାଳୟଠାରେ ବିଭିନ୍ନ ବିଭାଗୀୟ ପଦାଧିକାରୀଙ୍କୁ ନେଇ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ। ଗସ୍ତ ସମୟରେ ଓରମାସର ଉପମୁଖ୍ୟ ନିର୍ବାହୀ ସତ୍ୟ ପାଇଟାଳ, ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ବିପିଏମ୍ ପଙ୍କଜିନୀ ଦାସ, ସହକାରୀ ଯନ୍ତ୍ରୀ ସୂର୍ଯ୍ୟନାରାୟଣ ବାରିକ, ଫତେପୁର ସରପଞ୍ଚ ସିଦ୍ଧାର୍ଥ ପ୍ରଧାନ, ବିଶ୍ୱାଳି ସରପଞ୍ଚ ମନୋରମା ମଲ୍ଲ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଃଶାସନ ରାଉତ ଓ ସମସ୍ତ ଯନ୍ତ୍ରୀ ଉପସ୍ଥିତ ଥିଲେ।

# କୁଜଙ୍ଗର ବିଜୁଳି ସମସ୍ୟା ମାସେ ମଧ୍ୟରେ ଦୂର କରିବାକୁ ପ୍ରତିଶ୍ରୁତି

କୁଜଙ୍ଗ ୧୦।୮ (ଡି.ଏନ.ଏ.)

କୁଜଙ୍ଗରେ ଘନ ଘନ ଅଘୋଷିତ ବିଜୁଳି କାଟ ସମସ୍ୟା ମାସେ ମଧ୍ୟରେ ଦୂର କରାଯିବ ବୋଲି ବୁଧବାର ବିଜୁଳି ସମସ୍ୟା ଉପରେ ଆହୂତ ତ୍ରିପାକ୍ଷିକ ବୈଠକରେ ପାରାଦୀପ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। କୁଜଙ୍ଗର ବିଜୁଳି କାଟ ଚରମ ସୀମାରେ ପହଞ୍ଚି ଥିବାରୁ ସମସ୍ତ କୋର୍ଟ କଚେରି, ସରକାରୀ କାର୍ଯ୍ୟ ଅଚଳ ହୋଇପଡିଥିଲା। ଏ ନେଇ ଜୁଲାଇ ୨୯ରେ କୁଜଙ୍ଗ ବାର ଆସୋସିଏଶନ, ଗଣମାଧ୍ୟମ ସଂଘ ଓ ବଣିକ ସଂଘ ମିଳିତ ଭାବେ ବଜାର ବନ୍ଦ ଡାକରା ଦେଇଥିଲେ। ମାତ୍ର ନିର୍ବାହୀ ଯନ୍ତ୍ରୀ ଅସୁସ୍ଥ ଥିବାରୁ ଆନ୍ଦୋଳନକୁ ସ୍ଥଗିତ ରଖିବାକୁ ଅନୁରୋଧ ପତ୍ର ଦେବା ସହ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ହେବ ବୋଲି କହିଥିଲେ। ସେହି ଅନୁସାରେ, କୁଜଙ୍ଗ ବାର ଆସୋସିଏଶନର ଗୃହରେ ଓକିଲ ସଂଘର ସଭାପତି ସୁଶାନ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର, ନିର୍ବାହୀ ଯନ୍ତ୍ରୀ ପ୍ରଭାସ ରଞ୍ଜନ ପରିଡା, କନିଷ୍ଠ ଯନ୍ତ୍ରୀ ପୁଲିନ ମଲ୍ଲ, ସହକାରୀ ଯନ୍ତ୍ରୀ, ବରିଷ୍ଠ ଆଇନଜୀବୀ ଅମୃତ ଦାସ, ରମେଶ ଚନ୍ଦ୍ର ଦାସ, ସତ୍ୟାନନ୍ଦ ବିଶ୍ୱାଳ, ଏ.ଏନ.ଡି ଯାଦବ, ଭାରତ ଭୂଷଣ ଦାସ, ବଣିକ ସଂଘର ସଭାପତି ନିରଞ୍ଜନ ସାହୁ, ନବ କୁମାର ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ନିର୍ବାହୀ ଯନ୍ତ୍ରୀ ପରିଡା କହିଥିଲେ, କୋର୍ଟ ପାଇଁ ସ୍ୱତନ୍ତ୍ର ଟ୍ରାନ୍ସଫର୍ମର ବସିସାରିଛି। ବ୍ଲକ ଏବଂ ତହସିଲ କାର୍ଯ୍ୟାଳୟ ସ୍ୱତନ୍ତ୍ର ଭାବେ ସେମାନଙ୍କର ଟ୍ରାନ୍ସଫର୍ମର ବସାଇବା ପାଇଁ ଅନୁରୋଧ କରିଥିଲେ। କେତେକ ସ୍ଥାନରେ ଜମିଜମା ସମସ୍ୟାର ସମାଧାନ ତହସିଲଦାର କଲେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଶେଷରେ ଓକିଲ ସଂଘର ସମ୍ପାଦକ ଦାମୋଦର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ୩୨ ହଜାର ତ୍ରିରଙ୍ଗା ତିଆରି କରି ରେକର୍ଡ



ଗୋରୀ ଦେବୀ ଉତ୍ପାଦିକା ସଂଘ ତିଆରି କରିଥିବା ତ୍ରିରଙ୍ଗା।

ବାଲିଆ, ୧୦।୮(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲାରେ ବିରିଡି ବ୍ଲକର ଗୌରୀ ଦେବୀ ଉତ୍ପାଦିକା ସଂଘ ସମଗ୍ର ରେକର୍ଡ ସୃଷ୍ଟି କରିବା ସହ ୩୨ହଜାର ତ୍ରିରଙ୍ଗା ପତାକା ତିଆରି କରି ରେକର୍ଡ ସୃଷ୍ଟି କରିଛନ୍ତି। ଏହି ତ୍ରିରଙ୍ଗା ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସର ୭୫ବର୍ଷ ପୂର୍ତ୍ତି ବା ଆଜାଦି କା ଅମୃତ ମହୋତ୍ସବ ପାଇଁ ବିରିଡି ବ୍ଲକ ସମେତ ଜିଲାର ଅଣଯ ବ୍ଲକକୁ ଯୋଗାଦିଆ ଯିବାର ବ୍ୟବସ୍ଥା ରହିଛି। ଗୌରୀ ଦେବୀ ଉତ୍ପାଦିକ ମହାସଂଘର ସଭାନେତ୍ରୀ ସ୍ୱର୍ଣ୍ଣଲତା ସେଠୀ, ସମ୍ପାଦିକା ସୁହାନା ଆପ୍ରୋଚ, କୋଷାଧ୍ୟକ୍ଷା କଳ୍ପନା ପଶାୟତ, ଉଦ୍ୟୋଗୀ ମିତ୍ର ଅନ୍ନପୂର୍ଣ୍ଣା ବେହେରା, ସହ ସମ୍ପାଦିକା ମୋନାଲିସା ମଲିକ, ଉପସଭାନେତ୍ରୀ ଅର୍ଚ୍ଚନା ପାଣିଗ୍ରାହୀଙ୍କ ନେତୃତ୍ୱରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ମହିଳା ଏହି ପତାକା ତିଆରି କରିବାରେ ସକ୍ଷମ ହୋଇଛନ୍ତି। ବିରିଡିର ଗୋରୀ ଦେବୀ ଉତ୍ପାଦିକା ମହାସଂଘ ଜିଲାସ୍ତରରେ ସମସ୍ତଙ୍କ ପାଇଁ ପ୍ରେରଣା ଉତ୍ସ ପାଲଟିଛି।

# ସଂଯୋଗ କରୁଥିବା ରାସ୍ତା ଖାଲଖମାରେ ଭର୍ତ୍ତି

- ୫ ନଂ. (କ)ଜାତୀୟ ରାଜପଥ

ପାରାଦୀପ, ୧୦।୮ (ସ୍ୱ.ପ୍ର.)

ପାରାଦୀପର ୫ନଂ. (କ) ଜାତୀୟ ରାଜପଥଠାରୁ ପିପିଏଲ କାରଖାନାକୁ ସଂଯୋଗ କରୁଥିବା ୫ କିମି ରାସ୍ତା ଖାଲଖମରେ ଭର୍ତ୍ତି ହୋଇଛି। ଏହି ରାସ୍ତା ୨୦୧୫ଠାରୁ ମରାମତି ହୋଇନାହିଁ। ରାସ୍ତା ଉପରେ ୭ଟି କମ୍ପାନୀ, ବାଲିଝରା, ବାଉରିଆପାଳନ୍ଦା ବସ୍ତିର ଲୋକେ ନିର୍ଭରଶୀଳ। ହେଲେ ରାସ୍ତାର ଏଭଳି ଦୁରାବସ୍ଥା ପାଇଁ ଲୋକମାନେ ହଇରାଣ ହେଉଛନ୍ତି। ଏଥିସହ କମ୍ପାନୀଗୁଡିକୁ ଆସୁଥିବା ଭାରିଯାନ ଖାଲଖମାରେ ପଡି ବହୁ ସମୟରେ ଅଚଳ ହୋଇପଡୁଛି। ଏଥିଯୋଗୁ ଭାରିଯାନ ଚାଳକମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏହି ରାସ୍ତା ଖାଲରେ ପାଣି ଜମି ରହିବାରୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ଅପରପକ୍ଷେ ରାସ୍ତାର ଦୁଇପାର୍ଶ୍ୱରେ ଭାରିଯାନଗୁଡିକ ଦିନିଦିନ ଧରି ପାର୍କିଂ କରି ରହିବା ଦ୍ୱାରା ସଙ୍କୁଚିତ ହୋଇଯାଉଛି। ଫଳରେ ରାସ୍ତାରେ ଯାତାୟାତରେ ଅସୁବିଧା ହେଉଛି।



ରାଜପଥକୁ ସଂଯୋଗ କରୁଥିବା ରାସ୍ତାର ଦୁରବସ୍ଥା।

ସୂଚନାଯୋଗ୍ୟ, କେନ୍ଦ୍ର ସରକାର ୧୯୮୨ରେ ପିପିଏଲ କାରଖାନା ପ୍ରତିଷ୍ଠା କରିଥିଲେ। ସେତେବେଳେ ଏହି ରାସ୍ତା ନିର୍ମାଣ ହୋଇଥିଲା। ୨୦୦୫ପିପିଏଲ କାରଖାନା ଘରୋଇକରଣ ହୋଇଯାଇଛି। ରାସ୍ତା ହେବା ଦିନଠାରୁ ୨୦୧୫ ଜାନୁୟାରୀ ୩୦ ପର୍ଯ୍ୟନ୍ତ ପିପିଏଲ କମ୍ପାନୀ ରକ୍ଷଣାବେକ୍ଷଣ ଓ ମରାମତି କରୁଥିଲା। ଉକ୍ତଦିନ ରାଜ୍ୟ ସରକାର ଏହି ରାସ୍ତାକୁ ମଲ୍‌ଟି ମୋଡାଲ କରିଡର କରିବାକୁ ଘୋଷଣା କଲେ। ୨୦୦୩ ପରଠାରୁ ଏହି ରାସ୍ତା ଦେଇ ୩ଟି ତୈଳ କମ୍ପାନୀ, ଗ୍ୟାସ ଟରମିନାଲ, ଆଦାନୀ ଉଇମାର ଖାଇବା ତେଲ କମ୍ପାନୀ, କଙ୍କର କମ୍ପାନୀ, ତ୍ରିବେଣୀ ଆର୍ଥ ଆଣ୍ଡ ମୁଭର, ସମନ୍ୱିତ ଉପକୂଳ ପରିଯୋଜନା ପ୍ରକଳ୍ପର ଭାରଯାନଗୁଡିକ ଯାତାୟାତ କରୁଛି। ରାଜ୍ୟ ସରକାର ଏହି ରାସ୍ତାକୁ ହାତକୁ ନେବା ଓ ଅନ୍ୟ କମ୍ପାନୀର ଗାଡିଗୁଡିକ ଚଳାଚଳ କରିବା ଦ୍ୱାରା ପିପିଏଲ କମ୍ପାନୀ ଆଉ ମରାମତି କରୁନାହିଁ। ଯେଉଁଥିପାଇଁ ରାସ୍ତାର ଏଭଳି ଅବସ୍ଥା ହୋଇଛି। ଏହି ରାସ୍ତାକୁ ମରାମତି ଓ ନିର୍ମାଣ ଲାଗି ବଲିଝରା, ବାଉରିଆପାଳନ୍ଦା ବାସିନ୍ଦାମାନେ ଗତ ଦୁଇବର୍ଷ ମଧ୍ୟରେ ଏକାଧିକ ଥର ଜିଲା ପ୍ରଶାସନକୁ ଦାବିପତ୍ର ଦେବା ସହ ୨ ଥର ଧାରଣା ମଧ୍ୟ ଦେଇଥିଲେ। ରାସ୍ତା ପାଇଁ ଗତ ମାର୍ଚ୍ଚ ମାସରେ ରାସ୍ତାରୋକୋ ଯୋଗୁ ଜିଲା ପ୍ରଶାସନ ହସ୍ତକ୍ଷେପ କରିବା ସହ ପ୍ରତିଶ୍ରୁତି ଦେଇଥିଲା ମରାମତି କରିବାକୁ। ହେଲେ ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇନାହିଁ। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀରଙ୍କୁ ପଚାରିବାରେ ୨୭ କୋଟି ଟଙ୍କା ବିଭିନ୍ନ କମ୍ପାନୀଠାରୁ ସଂଗ୍ରହ କରାଯାଇଛି। ଉକ୍ତ ଅର୍ଥକୁ ପୂର୍ତ୍ତ ବିଭାଗକୁ ଦିଆଯାଇଛି। ବିଭାଗ ଟେଣ୍ଡର କରି ଏହାକୁ ମରାମତି କରିବେ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ପାରିବାରିକ କଳହରୁ ମହିଳାଙ୍କ ଆତ୍ମହତ୍ୟା

ଭାପୁର,୧୦।୮(ଡି.ଏନ.ଏ.): ଫତେଗଡ ଥାନା ଅନ୍ତର୍ଗତ ବଡସହରା ପଞ୍ଚାୟତ ଅଧୀନ ଜାମୁସାହିରେ ପାରିବାରିକ କଳହରୁ ଜଣେ ମହିଳାଙ୍କ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସନ୍ତୋଷ କୁମାର ବାରିକଙ୍କ ଧର୍ମପତ୍ନୀ ଟୁନି (୩୦)। ମଙ୍ଗଳବାର ଘରେ ପାରିବାରିକ କଳହରୁ ଟୁନି ବିଷ ପିଇ ଦେଇଥିଲେ। ତୁରନ୍ତ ପରିବାର ଲୋକେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଚିକିତ୍ସା କରୁଥିବା ଡାକ୍ତର ଖୋର୍ଦ୍ଧା ମେଡ଼ିକାଲକୁ ରେଫର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଟୁନିଙ୍କ ଦୁଇଟି ପୁଅ ଅଛନ୍ତି। ଟୁନି ହେଉଛନ୍ତି କରବର ଗ୍ରାମର ବାଉରୀ ବନ୍ଧୁ ବାରିକଙ୍କ ଝିଅ। ଖୋର୍ଦ୍ଧା ମେଡିକାଲରେ ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇଥିବା ଜଣାପଡିଛି।

### ମହିଳାଙ୍କ ଆତ୍ମହତ୍ୟା

ଗୋପାଳପୁର,୧୦।୮(ଡି.ଏନ.ଏ.)- ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷ୍ଠି ହାଟ ଖଟେଇ କଲୋନୀର ତୃତୀୟ ଗଳିରେ ବୁଧବାର ଜଣେ ମହିଳା ବେକରେ ଓଢଣୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ହିଞ୍ଜିଳିକାଟୁ ଅଞ୍ଚଳର ଶିବାନୀ ସାହୁ ।

ପ୍ରକାଶ ଯେ, ଶିବାନୀ କଣ୍ଟେଇପଲ୍ଲୀ ଗ୍ରାମର ସଂଗ୍ରାମ କେଶରୀ ସାହୁଙ୍କୁ ୭ ବର୍ଷ ତଳେ ବିବାହ କରିଥିଲେ। ଗତ ୨ ବର୍ଷ ହେଲା ଉଭୟ ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷ୍ଠି ହାଟ ଖଟେଇ କଲୋନୀରେ ଭଡା ଘରେ ରହିଆସୁଥିଲେ। ସ୍ୱାମୀ ସଂଗ୍ରାମ ରେଳବାଇ ବିଭାଗରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଛନ୍ତି। ବୁଧବାର ସେ ଡିଜ୍ୟୁଟିକୁ ଯିବାପରେ ଶିବାନୀ ଆତ୍ମହତ୍ୟା କରିଥିଲେ। ସଂଗ୍ରାମ ଘରେ ପହଞ୍ଚି ଗୋଳନ୍ଥରା ଥାନାକୁ ଖବର ଦେଇଥିଲେ। ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ ଶିବାନୀଙ୍କ ଝୁଲନ୍ତା ମୃତଦେହ ଜବତ କରି ନଂ ୨୧/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି।

### ମହିଳାଙ୍କୁ ବଳାତ୍କାର ମାମଲା, ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୧୦।୮(ଡି.ଏନ୍.ଏ.)-ଦିଗପହଣ୍ଡି ବ୍ଲକ ଅଞ୍ଚଳରେ ଜଣେ ମହିଳାଙ୍କୁ ଘରେ ପଶି ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ପୀଡ଼ିତା ଜଣକ ଏନେଇ କେ.ନୂଆଗାଁ ଥାନାରେ ଏତଲା ଦେବା ପରେ ପୋଲିସ ଅଭିଯୁକ୍ତ ଟୁନା ନାଇକ ଏବଂ ପୀଡ଼ିତାଙ୍କୁ ବୁଧବାର ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଡାକ୍ତରୀ ମାଇନା କରିଛି। ପରେ ଥାନା ମାମଲା ନଂ.୨୦୨/୨୨ ଦଫା -୨୯୪/୩୨୩/୩୭୬/୪୫୭/୫୦୬/୫୧୧ ଆଇପିସି ଅନୁଯାୟୀ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବା ପରେ ଜାମିନ ଖାରଜ ହେବାରୁ ଦିଗପହଣ୍ଡି ସବ୍ ଜେଲକୁ ପଠାଇ ଦିଆଯାଇଛି। ମହିଳାଙ୍କ ସ୍ୱାମୀ ମୁମ୍ବାଇରେ କାମ କରୁଛନ୍ତି। ଅଭିଯୁକ୍ତ ଜଣକ ଗତ ଶୁକ୍ରବାର ବିଳମ୍ବିତ ରାତିରେ ମହିଳାଙ୍କ ଘରେ ପଶି ତାଙ୍କୁ ବଳାତ୍କାର କରିଥିବା ଏତଲାରେ ଉଲ୍ଲେଖ ରହିଛି। ଗ୍ରାମସଭାର ନିଷ୍ପତ୍ତି ଅନୁଯାୟୀ ମହିଳା ଜଣକ ଥାନାରେ ଏତଲା ଦେଇଥିବା ତଦନ୍ତକାରୀ ପୋଲିସ ଅଧିକାରୀ ଆଇଆଇସି ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି।

# ଦିବ୍ୟାଙ୍ଗଙ୍କୁ ମାଡ଼ମାରି ପାଦ ଚଟାଇଲେ

- ନିଶା ନିବାରଣ କେନ୍ଦ୍ରରେ ବର୍ବରତା
- ମାଲିକଙ୍କ ସମେତ ୨ ଗିରଫ
- ଭିଡିଓ ଭାଇରାଲ ପରେ କାର୍ଯ୍ୟାନୁଷ୍ଠାନ

ବାରିପଦା ଅଫିସ,୧୦।୮

ମୟୂରଭଞ୍ଜ ଜିଲା ବାରିପଦା ସହରସ୍ଥିତ ପ୍ରତିଜ୍ଞା ନିଶା ନିବାରଣ କେନ୍ଦ୍ରରେ ଜଣେ ଦିବ୍ୟାଙ୍ଗ ଅନ୍ତେବାସୀଙ୍କୁ ମାଡ଼ ମାରିବା ଓ ପାଦ ଚଟାଇବା ଭଳି ସ୍ପର୍ଶକାତର ଘଟଣା ପଦାକୁ ଆସିଛି। ଏ ସଂକ୍ରାନ୍ତରେ ଦିବ୍ୟାଙ୍ଗ ମହାସଂଘର ସଭାପତି ଅରୁଣ କୁମାର ବେହେରାଙ୍କ ଲିଖିତ ଅଭିଯୋଗକ୍ରମେ ଟାଉନଥାନା ପୋଲିସ ଏକ ମାମଲା(ନଂ. ୬୬୯/୨୨) ରୁଜୁ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ କେନ୍ଦ୍ରର ମାଲିକ ଅବନୀ ପତି ଓ ସହଯୋଗୀ କରଞ୍ଜିଆ ଅଞ୍ଚଳର ପୀତବାସ ରାଉଳ। ନିଶା ନିବାରଣ କେନ୍ଦ୍ରର ଲାଇସେନ୍ସ ରଦ୍ଦ କରିବା ପାଇଁ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇବା ସହ ମାମଲାରେ ଜଡ଼ିତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସଦର ଏସ୍‌ଡିପିଓ କେ.କେ.ହରିପ୍ରସାଦ ବୁଧବାର ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଜନୈକ



ଦିବ୍ୟାଙ୍ଗ ଯୁବକଙ୍କୁ ନିଶା ନିବାରଣ କେନ୍ଦ୍ର କର୍ମଚାରୀ ପାଦ ଚଟାଉଛନ୍ତି।

ଦିବ୍ୟାଙ୍ଗ ଯୁବକଙ୍କୁ ପ୍ରତିଜ୍ଞା ନିଶା ନିବାରଣ କେନ୍ଦ୍ରର କର୍ମଚାରୀମାନେ ମାଡ଼ ମାରିବା ସହ ପାଦ ଚାଟିବା ପାଇଁ ବାଧ୍ୟ କରିଥିଲେ। ସେ ଏଥିରେ ଅରାଜି ହେବାରୁ ଏକ ପ୍ଲାଷ୍ଟିକ ପାଇପ୍ ଯୋଗେ ତାଙ୍କୁ ମାଡ଼ ମାରିଥିଲେ। ମାଲିକ ଜଣକ ଗୀତ ମ୍ୟୁଜିକର ତାଳେ ତାଳେ ନାଚି ନାଚି ମାଡ଼ ମାରିଥିଲେ। ପରେ ତାଙ୍କ ମୁଣ୍ଡକୁ ଧରି ପାଦ ଚଟାଇଥିଲେ। ଦିବ୍ୟାଙ୍ଗ ଯୁବକ ଜଣକ ନିରୁପାୟ ହୋଇ ଜଣେ କର୍ମଚାରୀଙ୍କ ପାଦକୁ ଚାଟିବା ପରେ ମାଲିକଙ୍କ ରାଗ ଥଣ୍ଡା ପଡ଼ିଥିଲା। ୨୦୨୧ ଜୁଲାଇରେ ଉତ୍ତୋଳିତ ହୋଇଥିବା ଏଭଳି ଅକଥନୀୟ ଅତ୍ୟାଚାର ସମ୍ପର୍କିତ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ତେବେ ଉକ୍ତ ସଂସ୍ଥାରେ ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ୨୦୧୭ରେ ଏହାର ଲାଇସେନ୍ସକୁ ରଦ୍ଦ କରାଯାଇଥିଲା। ମାତ୍ର ଅନୁକମ୍ପା ପ୍ରଦର୍ଶନ ପୂର୍ବକ ଉକ୍ତ ଅନୁଷ୍ଠାନକୁ ପୁନର୍ବାର ସ୍ୱୀକୃତି ପ୍ରଦାନ କରାଯାଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି 'ଜାଗ ମୟୂରଭଞ୍ଜ ଜାଗ' ସଙ୍ଗଠନ ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି। ଅଭିଯୋଗ ସମ୍ପର୍କରେ ନିଶା ନିବାରଣ କେନ୍ଦ୍ରର ମାଲିକ ପତିଙ୍କ ପ୍ରତିକ୍ରିୟା ଜାଣିବାକୁ ଚେଷ୍ଟା କରାଯାଇଥିଲେ ହେଁ ସେ କିଛି କହିବାକୁ ମନା କରିଦେଇଛନ୍ତି।

# ଅଭିଯୁକ୍ତଙ୍କୁ ୧୨ବର୍ଷ ସଶ୍ରମ କାରାଦଣ୍ଡ

- ନାବାଳିକା ବଳାତ୍କାର ମାମଲା
- ପୀଡ଼ିତାଙ୍କୁ ୬ ଲକ୍ଷ ସହାୟତା ପାଇଁ ଡିଏଲଏସ୍ଓଙ୍କୁ ନିର୍ଦ୍ଦେଶ

ବ୍ରହ୍ମପୁର ଅଫିସ,୧୦।୮

ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍‌ସୋ ଜଜ ବିକ୍ରମ ପଟ୍ଟନାୟକ ବୁଧବାର ଏକ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଅଭିଯୁକ୍ତ ଶିବ ଶଙ୍କର ସାବତ ଓରଫ ମିଟୁ(୩୦)ଙ୍କୁ ୧୨ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ଜଜ ରାୟ ପ୍ରକାଶ କରିଛନ୍ତି। ଏହାସହିତ ଉକ୍ତ ରାୟରେ ଅଭିଯୁକ୍ତ ଜଣକ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦାୟ ଅତିରିକ୍ତ ୬ମାସ ଜେଲ ଦଣ୍ଡରେ ଦଣ୍ଡିତ ପାଇଁ ମଧ୍ୟ ଜଜ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପୀଡ଼ିତାଙ୍କ ଥଇଥାନ ଲାଗି ତାଙ୍କୁ ୬ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ଜଜ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ଶିବ ଶଙ୍କର ସାବତ ଜଣେ ବିବାହିତ । ସେ ତାଙ୍କ ସ୍ତ୍ରୀଙ୍କ ଗାଁକୁ ଯିବା କହି ଘର ସମ୍ମୁଖରେ ରହୁଥିବା ଜଣେ ନାବାଳିକାଙ୍କୁ ନିଜ ଗାଡ଼ିରେ ନେଇଥିଲେ। ୨୦୧୭ ଏପ୍ରିଲ ୫ ରେ ଉକ୍ତ ନାବାଳିକାଙ୍କୁ ତପ୍ତପାଣି ଘାଟି ନିକଟ ଏକ ନିଛାଟିଆ ସ୍ଥାନରେ ବାରମ୍ବାର ବଳାତ୍କାର କରିଥିଲେ। ଘରକୁ ଫେରିବା ପରେ ପୀଡ଼ିତା ଜଣଙ୍କ ଘଟଣା ସମ୍ପର୍କରେ ମାଙ୍କୁ କହିଥିଲେ। ପରେ ପୀଡ଼ିତାଙ୍କ ମା' ଏନେଇ ଦିଗପହଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୫୯/୧୭ ରେ ମାମଲା ରୁଜୁ କରି ଶିବ ଶଙ୍କରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଗିରଫ ପରଠାରୁ ସେ ମଣ୍ଡଳକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। ବୁଧବାର ଏହି ମାମଲାର ବିଚାର ବେଳେ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୧୭ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଜଜ ଏହି ରାୟ ପ୍ରକାଶ କରିଛନ୍ତି। ଶିବ ଶଙ୍କରଙ୍କୁ ଦଣ୍ଡାଦେଶ ପରେ ତାଙ୍କୁ ପୁଣିଥରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ଗୋପାଳ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

# ୫-ଟିରେ ସାମିଲ ହେଲା ଟାକରା ଉଚ୍ଚ ବିଦ୍ୟାଳୟ



ବୈଠକରେ ଯୋଗ ଦେଇଥିବା ଅତିଥିମାନେ।

ଦଶପଲ୍ଲା,୧୦।୮(ଡି.ଏନ.ଏ.)

ବିଳମ୍ବରେ ହେଲେ ମଧ୍ୟ ଦଶପଲ୍ଲା ବ୍ଲକର ଟାକରା ପଞ୍ଚାୟତର ଆଦିବାସୀ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ବହୁ ପୁରାତନ ଟାକରା ସରକାରୀ ଉଚ୍ଚ ବିଦ୍ୟାଳୟକୁ ୫-ଟି ଅନ୍ତର୍ଭୁକ୍ତ କରାଯାଇଛି। ୫ ଟି ଅନ୍ତର୍ଭୁକ୍ତ ହେବା ଖବରପାଇ ପୁରାତନ ଛାତ୍ରୀଛାତ୍ର ଓ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି। ୫-ଟି ଅନ୍ତର୍ଭୁକ୍ତ ହେବା ପରେ ବିଦ୍ୟାଳୟର କିପରି ଉନ୍ନତି ହୋଇ ପାରିବ ସେଥି ସକାଶେ ଏସ୍‌ଏମ୍‌ସି ସଭାପତି ଜଗବନ୍ଧୁ ଆଚାର୍ଯ୍ୟଙ୍କ ଆହ୍ୱାନକ୍ରମେ ପୁରାତନ ଛାତ୍ରୀଛାତ୍ର ଓ ଅଞ୍ଚଳବାସୀଙ୍କୁ ନେଇ ବୁଧବାର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର କିପରି ଭାବେ, ପରିବେଶ ଉନ୍ନତି ହୋଇପାରିବ ସେ ଉପରେ ଆଲୋଚନା ହୋଇଥିଲା। ବୈଠକରେ ପ୍ରଧାନ ଶିକ୍ଷକ ନୀଳମଣି ନାୟକ, ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ମଦନ କୁମାର ଜାନୀ ଯୋଗଦେଇ ପଞ୍ଚାୟତ ପକ୍ଷରୁ ୨୦ ଲକ୍ଷ ଟଙ୍କାର ଅନୁଦାନ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ରୁପେ ଅବସରପ୍ରାପ୍ତ ଏବିଇଓ ପ୍ରମୋଦ କୁମାର ସାହୁ, ଶିକ୍ଷାର ଉନ୍ନତି ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଥିଲେ। ବିଦ୍ୟାଳୟର ପୂର୍ବତନ ଏସ୍‌ଏମ୍‌ସି ସଭାପତି ପ୍ରଦୀପ କୁମାର ସାହୁ ଶିକ୍ଷକ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଯଦି ଏହି ସମସ୍ୟାର ଶୀଘ୍ର ସମାଧାନ ନ ହୁଏ, ତେବେ ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ସେ କହିଥିଲେ। ବୈଠକରେ ବରିଷ୍ଠ ଶିକ୍ଷକ ଅନ୍ନଦା ପ୍ରସାଦ ଡାକୁଆ, ସ୍ଥାନୀୟ ସମିତିସଭ୍ୟ ପ୍ରଶାନ୍ତ କୁମାର ଦଳବେହେରା, ସାମାଜିକ କର୍ମୀ ବାନାମ୍ବର ନାଏକ, ଆଦିବାସୀ ନେତା ଧନେଶ୍ୱର ଜାନୀ, ଅଭିମନ୍ୟୁ ସାହୁ, ପୁରାତନ ଛାତ୍ର ରତ୍ନାକର ହୋତାଙ୍କ ସମେତ ଶତାଧିକ ପୁରାତନ ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ।

## ବାପା ଟାଙ୍ଗିଆ ଚୋଟରେ ପୁଅ ମୃତ

ରାଜଗାଙ୍ଗପୁର, ୧୦।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ହାର୍ଡିଧସା ଗ୍ରାମର ଜାତେପଡ଼ା ଟୋଲାରେ ମଙ୍ଗଳବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଘରୋଇ କଳିକୁ ନେଇ ବାପା ସାଧୁ ଏକ୍କାଙ୍କ ଟାଙ୍ଗିଆ ଚୋଟରେ ପୁତ୍ର ଅଜିତଙ୍କ ମୃତ୍ୟୁ ଘଟିଛି। ପୋଲିସ ସାଧୁଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ମଙ୍ଗଳବାର ରାତିରେ ପୁତ୍ର ଅଜିତ ବଜାରରୁ ଫେରି ରୋଷେଇ କରୁଥିଲେ। ଏହି ସମୟରେ ଗୋରୁ ହରଡ଼ ଖାଇବାକୁ ନେଇ ବାପା ପୁଅ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ସାଧୁ ଅଚାନକ ଏକ ଟାଙ୍ଗିଆ ଆଣି ଅଜିତଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଆର୍‌ଆଇଙ୍କୁ ଗିରଫ କଲା ଭିଜିଲାନ୍ସ

## ଜବତ ଟିପ୍ପର ଛାଡ଼ିବାକୁ ଲାଞ୍ଚ

ବ୍ରହ୍ମପୁର ଅଫିସ,୧୦।୮

ଗଞ୍ଜାମ ଜିଲା କୋଦଳା ତହସିଲ ଅନ୍ତର୍ଗତ କେ.ବରିଡ଼ା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଦେବାଶିଷ ମାଝିଙ୍କୁ ବ୍ରହ୍ମପୁର ଭିଜିଲାନ୍ସ ବୁଧବାର ଗିରଫ କରିଛି। ବାଲି ଚୋରାଚାଲାଣ ଚଢ଼ାଉ ବେଳେ ଜବତ ହୋଇଥିବା ଏକ ଟିପ୍ପରକୁ ଛାଡ଼ି ଦେବା ପାଇଁ ସେ ୨୫ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଭିଜିଲାନ୍ସ ଟିମ୍ ଦେବାଶିଷଙ୍କ କାର୍ଯ୍ୟାଳୟ, ବେଗୁନିଆପଡ଼ା ଶାନ୍ତିନଗରସ୍ଥିତ ଭଡ଼ାଘର ଓ ଗଞ୍ଜାମ ଥାନା ଅନ୍ତର୍ଗତ ବରପଲ୍ଲୀସ୍ଥିତ ଘରେ ଚଢ଼ାଉ କରିଛି। ଅଭିଯୁକ୍ତ ଆର୍‌ଆଇଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବ ବୋଲି ଭିଜିଲାନ୍ସ ଏସ୍‌ପି ଗଣେଶ ପ୍ରଧାନ ସୂଚନା ଦେଇଛନ୍ତି। ପ୍ରକାଶ ଯେ, କୋଦଳା ଥାନା ଅନ୍ତର୍ଗତ କେ.ବରିଡ଼ା ଗ୍ରାମର ଅଜୟ କୁମାର କହଁରଙ୍କ ଏକ ଟିପ୍ପରକୁ ଆର୍‌ଆଇ ଦେବାଶିଷ ଗତ ୪ତାରିଖରେ ଜବତ କରିଥିଲେ। ଜରିମାନା ବାବଦରେ ଅଜୟ ୩୦ହଜାର ଟଙ୍କା ଜମା କରିଥିଲେ ମଧ୍ୟ ଆର୍‌ଆଇ ଦେବାଶିଷ ଟିପ୍ପର୍ ଛାଡ଼ି ନ ଥିଲେ।



ଦେବାଶିଷ ମାଝି।

ଅଧିକ ୨୫ହଜାର ଟଙ୍କା ଦେଲେ ଗାଡ଼ି ଛଡ଼ାଯିବ ବୋଲି ସେ କହିଥିଲେ। ଏ ନେଇ ଅଜୟ ବ୍ରହ୍ମପୁର ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ବୁଧବାର ଅଜୟ ୨୫ ହଜାର ଟଙ୍କା ନେଇ ଆର୍‌ଆଇ ଅଫିସ୍ ଯାଇଥିଲେ। ସେଠାରେ ସେ ଆର୍‌ଆଇଙ୍କୁ ଟଙ୍କା ଦେଇ ସାରିବା ପରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ଉକ୍ତ ଟଙ୍କା ଜବତ କରିବା ସହିତ ଆର୍‌ଆଇ ଦେବାଶିଷଙ୍କୁ ଗିରଫ କରିଥିଲା। ଏ ନେଇ କେସ୍ ନମ୍ବର ୧୪/୨୨ରେ ଏକ ମାମଲା ରୁଜୁ କରାଯାଇଛି।

# ବର୍ଷାରେ ଭିଜିଲେ ଭିନ୍ନକ୍ଷମ, ଅସନ୍ତୋଷ

କୋଟଗଡ, ୧୦।୮(ଡି.ଏନ.ଏ.)

କନ୍ଧମାଳ ଜିଲା ବାଲିଗୁଡା ପଞ୍ଚାୟତ ସମିତି ପରିସରରେ ପ୍ରତ୍ୟେକ ମାସ ୧୦ତାରିଖରେ ଭିନ୍ନକ୍ଷମ ସାମର୍ଥ ଶିବିର ହୋଇଥାଏ। ଏଥିରେ ବାଲିଗୁଡା ଉପଖଣ୍ଡରେ ଥିବା ୯ଟି ବ୍ଲକର ବହୁ ଭିନ୍ନକ୍ଷମ ସହ କୁନି କୁନି ଛୁଆ ମା ସାଥୀରେ ଆସି ଡାକ୍ତରଙ୍କ ପାଖସେଠସ୍ୱାସ୍ଥ୍ୟ ପରୀକ୍ଷା କରିଥାନ୍ତି। ଜିଲାରେ ଗତ ୩ଦିନ ହେଲାଣି ଅବିଶ୍ରାନ୍ତ ବର୍ଷା ଲାଗି ରହିଛି। କିନ୍ତୁ ବୁଧବାର ହୋଇଥିବା ସାମର୍ଥ୍ୟ ଶିବିରରେ ଭିନ୍ନକ୍ଷମମାନେ ଭିଜି ଭିଜି ଲମ୍ବା ଧାଡିରେ ଛିଡା ହୋଇଥିବା ଦେଖିବାକୁ ମିଳିଥିଲା। ବର୍ଷା ହେଉଥିଲେ ମଧ୍ୟ ତାଙ୍କ ପାଇଁ ବସିବା ଓ ରହିବାର କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ଫଳରେ ବର୍ଷାରେ ଭିଜି, ଭିଜି ଲମ୍ବା ଲାଇନ୍‌ରେ ଭିନ୍ନକ୍ଷମମାନେ ଠିଆ ହୋଇ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେମାନଙ୍କ ପାଇଁ ପିଇବା ପାଣି ବ୍ୟବସ୍ଥା କରାଯାଇ ନ ଥିଲା। ଏ ସମ୍ପର୍କରେ ବାଲିଗୁଡା ଦାୟିତ୍ୱରେ ଥିବା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦିନେଶ କୁମାର କହଁରଙ୍କୁ ପଚାରିବାରୁ ସେ ଅବ୍ୟବସ୍ଥା ମଧ୍ୟରେ କରାଯାଇଥିବା ସ୍ୱୀକାର କରିଥିଲେ। ଏହାକୁ ନେଇ ସାଧାରଣ ଲୋକେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି ।



ବର୍ଷାରେ ଧାଡିରେ ଛିଡା ହୋଇଥିବା ଭିନ୍ନକ୍ଷମ।

# ୧୦ ରେ ପହଞ୍ଚିଲା ଆକ୍ରାନ୍ତଙ୍କ ସଂଖ୍ୟା

## ୪ ଡେଙ୍ଗୁ ରୋଗୀ ଚିହ୍ନଟ

ବ୍ରହ୍ମପୁର ଅଫିସ,୧୦।୮

ଗଞ୍ଜାମ ଜିଲାରେ ବୁଧବାର ପୁଣି ଥରେ ୪ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଡେଙ୍ଗୁ ସଂଖ୍ୟା ଏବେ ୧୦ରେ ପହଞ୍ଚିଛି। ଜଗନ୍ନାଥପ୍ରସାଦ, ଦିଗପହଣ୍ଡି, ପାତ୍ରପୁର ଓ ସୋରଡ଼ା ବ୍ଲକରେ ଜଣେ ଲେଖାଏ ଆକ୍ରାନ୍ତ ହୋଇ ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ଜଣେ ନାବାଳକଙ୍କ ସମେତ ୩ ଜଣ ମହିଳା ରହିଛନ୍ତି। ଜଗନ୍ନାଥପ୍ରସାଦ ବ୍ଲକ ଅନ୍ତର୍ଗତ ବି. ଗୁଣ୍ଡିରିବାଡ଼ିର ଜଣେ ୫୦ ବର୍ଷୀୟା ମହିଳାଙ୍କୁ ଜ୍ୱର ଓ କାଶ ଲାଗି ରହିଥିଲା। ତାଙ୍କର ଡେଙ୍ଗୁ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଇ ଏମ୍‌କେସିଜିର ପାଥୋଲୋଜିକୁ ପଠାଯାଇଥିଲା। ଉକ୍ତ ମହିଳାଙ୍କ ଡେଙ୍ଗୁ ରିପୋର୍ଟ ପଜିଟିଭି ଆସିଛି। ସେହିପରି ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଡାଉଣୀ ଗ୍ରାମର ଜଣେ ୪୨ ବର୍ଷୀୟା ମହିଳା ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ଜ୍ୱର ନ କମିବାରୁ ତାଙ୍କର ଡେଙ୍ଗୁ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯାଇଥିଲା। ପରୀକ୍ଷା ପରେ ବୁଧବାର ତାଙ୍କର ପଜିଟିଭ ଆସିଛି। ସେହିପରି ପାତ୍ରପୁର ବ୍ଲକର ମଣ୍ଡରଡ଼ା ଗ୍ରାମର ଜଣେ ୧୪ ବର୍ଷର ନାବାଳକଙ୍କ ଜ୍ୱର ଓ କାଶ ନ କମିବାରୁ ତାଙ୍କର ଡେଙ୍ଗୁ ପରୀକ୍ଷା କରାଯାଇଥିଲା। ତାଙ୍କର ରିପୋର୍ଟ ପଜିଟିଭ ଆସିଛି। ସେହିପରି ସୋରଡ଼ା ବ୍ଲକ ଲାଠିପଡ଼ା ଗ୍ରାମର ୨୭ ବର୍ଷର ଜଣେ ମହିଳାଙ୍କ ବୁଧବାର ମଧ୍ୟ ଡେଙ୍ଗୁ ରିପୋର୍ଟ ପଜିଟିଭ ଆସିଛି। ବର୍ତ୍ତମାନ ଉକ୍ତ ୪ଜଣ ଆକ୍ରାନ୍ତ ଏମ୍‌କେସିଜି ମେଡିକାଲ ଡେଙ୍ଗୁ ୱାର୍ଡରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଜିଲାରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ଏବେ ଧୀରେ ଧୀରେ ବଢ଼ିବାରେ ଲାଗିଛି। ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ବିଭିନ୍ନ ଅଞ୍ଚଳକୁ ଯାଇ ସେଠାକାର ସ୍ଥିତି ଯାଞ୍ଚ କରୁଛନ୍ତି। ସ୍ୱାସ୍ଥ୍ୟ ଟିମ୍ ସ୍ଥାନୀୟ ଜନସାଧାରଣଙ୍କୁ ଡେଙ୍ଗୁ ସମ୍ପର୍କରେ ସଚେତନ କରୁଛନ୍ତି। ସେହିପରି ଖାଲୁଆ ସ୍ଥାନରେ ଦୀର୍ଘଦିନ ଧରି ପାଣି ଜମି ରହୁଥିବା ସ୍ଥାନଗୁଡିକରେ ଏଡିସ ମଶା ଲାର୍ଭା ଅଛି କି ନାହିଁ ସେ ନେଇ ମଧ୍ୟ ଟିମ୍ ସ୍ଥିତି ଯାଞ୍ଚ କରିଛନ୍ତି। ନାଳ ଓ ଖାଲୁଆ ଅଞ୍ଚଳରେ ଜମି ରହିଥିବା ପାଣିରେ ମଶା ନିପାତ ପାଇଁ ସେଠାରେ ଔଷଧ ସିଞ୍ଚନ କରିବାକୁ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ଉକ୍ତ ଟିମ୍ ପରାମର୍ଶ ଦେଉଛନ୍ତି ବୋଲି ଜିଲା ସ୍ୱାସ୍ଥ୍ୟାଧିକାରୀ (ସିଡିଏମଓ) ଡା. ଉମାଶଙ୍କର ମିଶ୍ର କହିଛନ୍ତି।

# ଡାକ ବିଭାଗ ଘରୋଇକରଣ ବିରୋଧରେ ଧର୍ମଘଟ




ମୁଖ୍ୟ ଡାକ ଘର ସମ୍ମୁଖରେ ବିକ୍ଷୋଭ।

ବ୍ରହ୍ମପୁର ଅଫିସ,୧୦।୮

ଡାକ ବିଭାଗକୁ ଘରୋଇକରଣ ବିରୋଧ କରି ଅଖିଳ ଭାରତୀୟ ଡାକ କର୍ମଚାରୀ ସଂଘ, ପୋଷ୍ଟ ମ୍ୟାନ ଓ ଏମ୍‌ଟିଏସ୍ ବ୍ରହ୍ମପୁର ଶାଖା ପକ୍ଷରୁ ଦିନିକିଆ ଧର୍ମଘଟ କରାଯାଇଛି। ଏ ନେଇ ସଂଘ ପକ୍ଷରୁ ବ୍ରହ୍ମପୁର ମୁଖ୍ୟ ଡାକଘର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କେନ୍ଦ୍ରର ନେତୃତ୍ୱାଧୀନ ଭାଜପା ସରକାର ଦେଶର ସମସ୍ତ ସମ୍ପତ୍ତି, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓ ଜନସାଧାରଣଙ୍କ ସାର୍ବଜନୀନ ଅଧିକାର ବସ୍ତୁକୁ ଘରୋଇକରଣ ମାଧ୍ୟମରେ ସମ୍ପତ୍ତିକୁ ବିମୁଦ୍ରୀକରଣ କରାଯାଇଥିବା ସଂଘ ଅଭିଯୋଗ କରିଛି। ଅନ୍ୟପଟେ କେନ୍ଦ୍ର ସରକାର ଡାକ ବିଭାଗରେ ଜନସାଧାରଣଙ୍କ ଗଚ୍ଛିତ ଥିବା ଅର୍ଥକୁ କର୍ପୋରେଟ ମଧ୍ୟରେ ବାଣ୍ଟି ଦେବା ପାଇଁ ଯୋଜନାବଦ୍ଧ ଭାବେ ସ୍ଥିର କରିଛନ୍ତି। ଏଥିସହ ଟିଏସ୍‌ଆର ସୁବ୍ରମନ୍ୟମ୍ କମିଟି ଓ ଲୋଧା କମିଟିର ସୁପାରିସକୁ ସମ୍ପୂର୍ଣ୍ଣ ଲାଗୁ କରିବା ନିମନ୍ତେ ଡାକ ମିତ୍ର, କମନ ସର୍ଭିସ ସେଣ୍ଟର, ଆଉଟସୋର୍ସିଂ ପୋଷ୍ଟାଲ ଏଜେନ୍ସି, ରୋଡ୍ ଟ୍ରାନ୍ସପୋର୍ଟ ନେଟ୍‌ୱର୍କ ଓ ପାର୍ସଲ ହବ୍ ଭଳି ସଂସ୍ଥା ଜରିଆରେ ଘରୋଇକରଣ କରିବା ପାଇଁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଚେଷ୍ଟିତ ବୋଲି ଅଭିଯୋଗ ହୋଇଛି। ତତ୍‌ସହିତ ନୂତନ ପେନସନ ବ୍ୟବସ୍ଥାକୁ ରଦ୍ଦ କରିବା, ୨ଟି ଗ୍ରାମୀଣ ଡାକ ସେବକ ସଂଘକୁ ସ୍ୱୀକୃତି ପ୍ରଦାନ, ପାର୍ସଲ ହବ୍‌କୁ ବାତିଲ, ବକେୟା ଥିବା ୧୮ ମାସର ମହଙ୍ଗା ଭତ୍ତା, କୋଭିଡ୍‌ରେ ମୃତ୍ୟୁ ଘଟିଥିବା କର୍ମଚାରୀଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା, ସପ୍ତାହକୁ ୫ ଦିନ କାର୍ଯ୍ୟ ଦିବସ ଲାଗୁ, ରୋଡ ଟ୍ରାନ୍ସପୋର୍ଟ ନେଟ୍‌ୱର୍କ ବନ୍ଦ, ନୋଡାଲ ଡେଲିଭରି ସିଷ୍ଟମ ବନ୍ଦ, କମଳେଶ ଚନ୍ଦ୍ର କମିଟିର ସୁପାରସ ଅନୁଯାୟୀ ଗ୍ରାମୀଣ ଡାକ ସେବକଙ୍କୁ ପଦୋନ୍ନତି ପାଇଁ ସଂଘ ଦାବି କରିଛି।

ଧର୍ମଘଟରେ ସଂଘ ସର୍କଲ ସମ୍ପାଦକ ଏମ୍.ସି.ଏସ୍. କର, କ୍ଲାସ-୩ ସଂଘ ସଭାପତି ଜଗଦୀପ ଚକ୍ରବର୍ତ୍ତୀ, ସମ୍ପାଦକ ଶିବାନନ୍ଦ ଦାଶ, ପୋଷ୍ଟମ୍ୟାନ ସଂଘ ସମ୍ପାଦକ ରାଜେନ୍ଦ୍ର କୁମାର ମହାପାତ୍ର, ଗ୍ରାମୀଣ ଡାକ ସେବକ ସଂଘ ସମ୍ପାଦକ ବାଳକୃଷ୍ଣ ବିଶୋୟୀଙ୍କ ସମେତ ସୁଦର୍ଶନ ପାଣିଗ୍ରାହୀ, ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ଅରକ୍ଷିତ ବେହେରା, ସନ୍ତୋଷ କୁମାର ବେହେରାଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ପିଟିପିଟାନଗର, ଧାନମେରା ସାହି ଘର ଉଚ୍ଛେଦକୁ ବିରୋଧ

## ବାସିନ୍ଦାଙ୍କୁ ଜମି ପଟ୍ଟା ଦାବି

ବ୍ରହ୍ମପୁର ଅଫିସ,୧୦।୮

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ୫ ନଂ. ୱାର୍ଡ ଅନ୍ତର୍ଗତ ପିଟିପିଟାନଗର ଓ ଧାନମେରା ସାହି ବାସିନ୍ଦାଙ୍କୁ ପଟ୍ଟା ପ୍ରଦାନ ଦାବିରେ ବୁଧବାର ଭାରତୀୟ ବିକାଶ ପରିଷଦ ପକ୍ଷରୁ ବିଏମ୍‌ସି କାର୍ଯ୍ୟାଳୟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପିଟିପିଟାନଗର ଓ ଧାନମେରା ସାହିର ପ୍ରାୟ ୯୦ରୁ ଉର୍ଦ୍ଧ୍ୱ ଜମି ହୀନ, ଗୃହ ହୀନ, ଅନୁସୂଚିତ ଜାତି, ଦିନ ମଜୁରିଆ ପରିବାର ଦୀର୍ଘ ୫୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବସବାସ କରୁଛନ୍ତି। କିନ୍ତୁ ବିଏମ୍‌ସି ପକ୍ଷରୁ ବିନା ନୋଟିସରେ ବାସିନ୍ଦାଙ୍କୁ ଉଚ୍ଛେଦ କରାଯାଉଥିବା ନେଇ ଭାରତୀୟ ବିକାଶ ପରିଷଦ ଅଭିଯୋଗ କରିଛି। ଏଥିସହ ବ୍ରହ୍ମପୁର ତହସିଲ ଅନ୍ତର୍ଗତ ଶଶୀଭୂଷଣ ପୁର ମୌଜାରେ ପିଟିପିଟାନଗର ଓ ଧାନମେରା ସାହି ଜମି ଜଳସେଚନ ଅଧୀନରେ ରହିଛି। ବିଏମ୍‌ସିକୁ




ବିଏମ୍‌ସି କାର୍ଯ୍ୟାଳୟ ଆଗରେ ବିକ୍ଷୋଭ।

ବର୍ତ୍ତମାନ ସୁଦ୍ଧା ଅଦ୍ୟାବିଧି ଜମି ହସ୍ତାନ୍ତରିତ ହୋଇ ନ ଥିବା ବେଳେ କେଉଁ ଅଧିକାରରେ କାହା ସ୍ୱାର୍ଥ ପାଇଁ ବେନିୟମ ଭାବେ ଘର ଭାଙ୍ଗିବା ପାଇଁ ବିଏମ୍‌ସି ଘୋଷଣା କରିଛି ବୋଲି ଭାରତୀୟ ବିକାଶ ପରିଷଦ ପ୍ରଶ୍ନ ଉଠାଇଛି। ତତସହିତ ପିଟିପିଟାନଗର ବାସିନ୍ଦା ଘର ପଟ୍ଟା ପ୍ରଦାନ ପାଇଁ ପୂର୍ବରୁ ଆରଡିସି, ବ୍ରହ୍ମପୁର ଉପ ଜିଲାପାଳଙ୍କ ନିକଟରେ ଦାବି କରିଥିଲେ। ଏଣୁ ପିଟିପିଟାନଗର ଓ ଧାନମେରା ସାହି ବସ୍ତି ବାସିନ୍ଦାଙ୍କ ଘର ଭାଙ୍ଗିବା ପରିବର୍ତ୍ତେ ଘର ପଟ୍ଟା ଓ ଜମି ଅଧିକାରଣ ପତ୍ର ପ୍ରଦାନ ପାଇଁ ବିକାଶ ପରିଷଦ ଦାବି କରିଛି। ବିକ୍ଷୋଭ ସ୍ଥଳରେ ବିଏମ୍‌ସି ଅତିରିକ୍ତ କମିଶନର ନୀଳମାଧବ ଭୋଇ ବସ୍ତି ବାସିନ୍ଦାଙ୍କ ସହ ଆଲୋଚନା କରିବା ଯେଉଁମାନଙ୍କୁ ଘର ମିଳିନି ସର୍ଭେ କରାଯିବ ବୋଲି କହିଥିଲେ। ଆଜିର ବିକ୍ଷୋଭରେ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ସମେତ ଶମ୍ଭୁ ଶଙ୍କର ସାହୁ, ସନ୍ତୋଷ କୁମାର ସାହୁ, ରାଜେନ୍ଦ୍ର ମହାପାତ୍ର, ପୁଷ୍ପା ବେହେରା, କେଦାର ନାଥ ପଣ୍ଡା, ସୁବାଷିନି ପଣ୍ଡା, ଶମ୍ଭୁ ଗୌଡ ଓ ସୁନୀତା ପଣ୍ଡାଙ୍କ ସମେତ ବହୁ ବସ୍ତି ବାସିନ୍ଦା ଉପସ୍ଥିତ ଥିଲେ।

# ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ



ଜିଲାପାଳଙ୍କ ଉଦ୍ଦେଶ୍ୟରେ ଚାଷୀମାନେ ଜିଲାଯୋଗାଣ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ନୟାଗଡ଼ ଅଫିସ,୧୦।୮**

ସରକାରଙ୍କ ନୂଆ ପଞ୍ଜୀକରଣ ବ୍ୟବସ୍ଥାର ଧିରେ ଧିରେ ବିରୋଧ ଆରମ୍ଭ ହୋଇଛି। ନୂଆ ପଞ୍ଜୀକରଣ ବ୍ୟବସ୍ଥାକୁ ବାତିଲ୍ କରିବାକୁ ବୁଧବାର ଗୋଡିପଡା ଅଞ୍ଚଳର ଶତାଧିକ ଚାଷୀ ନୟାଗଡ଼ ଜିଲାପାଳଙ୍କୁ ଭେଟି ଫେରାଦ୍ ହୋଇଛନ୍ତି । ନୂଆ ପଞ୍ଜୀକରଣ ବ୍ୟବସ୍ଥା ଲାଗୁ ପରେ ଚାଷୀ କିପରି ହଇରାଣର ସମ୍ମୁଖୀନ ହେଉଛନ୍ତି ସେନେଇ ଜିଲାପାଳଙ୍କୁ କହିବା ସହ ସ୍ମାରକପତ୍ର ଦେଇଛନ୍ତି । ଅନ୍ୟପକ୍ଷେ ନୂଆ ପଞ୍ଜୀକରଣ ବ୍ୟବସ୍ଥାକୁ ବାତିଲ କରି ପୁରୁଣା ପଦ୍ଧତିରେ ପଞ୍ଜୀକରଣ କରିବାକୁ ଚାଷୀମାନେ ଜିଲା ଯୋଗାଣ ଅଧିକାରୀ, ଏଆର୍‌ସିଏସ୍, ନୟାଗଡ ଓ ରଣପୁର ବିଧାୟକ, ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି ।

### ନୂଆ ପଞ୍ଜୀକରଣ ବ୍ୟବସ୍ଥାର ବାତିଲ୍ ଦାବି

ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, ପଞ୍ଜୀକରଣ କରିବାକୁ ଗୋଡିପଡା ସମବାୟ ସମିତି ଲିଃରେ ଚାଷୀମାନେ ଆବଶ୍ୟକ କାଗଜପତ୍ର ଦାଖଲ କରିଥିଲେ । ହେଲେ ସ୍ଥାନୀୟ ସମ୍ପାଦକ ନୂଆ ପଞ୍ଜୀକରଣ ନିୟମର ଆଳ ଦେଖାଇ ସେହି କାଗଜପତ୍ର ଫେରାଇ ଦେଲେ । ସମ୍ପାଦକ ଚାଷୀମାନଙ୍କୁ ବୁଝାଇ କହିଥିଲେ ଯୋଗାଣ ବିଭାଗ କମିଶନରଙ୍କ ପତ୍ର ନଂ. ୧୧୭୩୭/୩।୮।୨୦୨୨ ଅନୁସାରେ ଜମି ଯେଉଁ ସମବାୟ ସମିତି ଅଧୀନରେ ଥିବ ସେହି ସମିତିରେ ପଞ୍ଜୀକରଣ କରାଯିବ । ଗୋଡିପଡା ପ୍ରାଥମିକ ସମବାୟ ସମିତିର ବାସିନ୍ଦା ହୋଇଥିଲେ ମଧ ଜମି ନ ଥିବାରୁ ପଞ୍ଜୀକରଣ କରାଯାଇ ପାରିବ ନାହିଁ । ଏଣୁ ଯେଉଁସମିତିଅଧୀନରେ ଜମିଅଛିସେଠାରେ ଯାଇ ପଞ୍ଜୀକରଣ କରିବାକୁ କହିଥିଲେ । ସମ୍ପାଦକଙ୍କ ଠାରୁ ପଞ୍ଜୀକରଣର ନୂଆ ନିୟମ ଜାଣିବା ପରେ ଚାଷୀମାନେ ଚିନ୍ତିତ ହୋଇ ପଡିଥିଲେ । ଚାଷୀଙ୍କ ଯୁକ୍ତି ଗୋଡିପଡା ହେଉଛି ରଣପୁର, ନୟାଗଡ଼ ଓ ଓଡ଼ଗାଁ ବ୍ଲକର ସୀମାନ୍ତ ଅଞ୍ଚଳ । ଗୋଡିପଡାରେ ଚାଷୀଙ୍କ ଘର ହୋଇଥିଲେ ହେଁ ନିକଟସ୍ଥ ୩ ତହସିଲରେ ଚାଷୀଙ୍କର ଜମି ରହିଛି । ଜଣେ ଚାଷୀଙ୍କ ୩ଟି ତହସିଲର ୪ରୁ ୫ ସମବାୟ ସମିତିରେ ଜମି ରହିଛି । ପଞ୍ଜୀକରଣ କରିବାକୁ ହେଲେ ଜଣେ ଚାଷୀଙ୍କୁ ୪ରୁ ୫ ସମବାୟ ସମିତିକୁ ଖର୍ଚ୍ଚାନ୍ତ ହୋଇ ଯିବାକୁ ପଡିବ । ଚାଷୀମାନଙ୍କ ସମୟ ଅପଚୟ ହେବା ସହ ଧାନ ବିକ୍ରି ସମୟରେ ଅଯଥାରେ ଖର୍ଚ୍ଚାନ୍ତ ହେବାକୁ ପଡିବ । ପଞ୍ଜୀକରଣ କରିବାକୁ ଏବେ ଚାଷୀ ବିଭିନ୍ନ ସମିତିକୁ ଯାଇ ହଇରାଣ ହେବା ଆରମ୍ଭ ହେଲେଣି । ଗେଡିପଡାଠାରୁ ୩ ତହସିଲର ନିକଟବର୍ତ୍ତୀ ସମବାୟ ସମିତି ୬ରୁ ୧୦ କି.ମି. ଭିତରେ ଅଛି । ଏଣୁ ଚାଷୀ ନୂଆ ପଞ୍ଜୀକରଣକୁ ବିରୋଧ କରିବାକୁ ବାଧ ହେଉଛି । ଏନେଇ ଚାଷୀ ମଦନ ପ୍ରଧାନ, ପଦ୍ମନାଭ ପୃଷ୍ଟି, ଆପୁଲି ସାହୁ, ଶ୍ରୀଧର ସାହୁ କୁହନ୍ତି, ନୂଆ ପଞ୍ଜୀକରଣ ବ୍ୟବସ୍ଥାକୁ ଆମେ ବିରୋଧ କରୁଛୁ । ଏହା ବାତିଲ କରିବାକୁ ଆମେ ପ୍ରଥମେ ଦାବି ଉଠାଇଛୁ । ଜିଲା, ବ୍ଲକ, ଗାଁ, ୱାର୍ଡ ଓ ରାଜ୍ୟର ଚାଷୀ ଏନେଇ ବିରୋଧ କରିବା ସହ ଧିରେ ଧିରେ ଆନ୍ଦୋଳନ କରିବାକୁ ସଜବାଜ ହେଉଛନ୍ତି ।

## ନୋଉର ସମ୍ପାଦକ ପଞ୍ଜୀକରଣ କରୁନାହାନ୍ତି

**ନୟାଗଡ଼ ଅଫିସ,୧୦।୮**

ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ ତାରିଖ ଅଗଷ୍ଟ ୧୫ ରହିଥିବାବେଳେ ନୟାଗଡ଼ ବ୍ଲକ ନୋଉର ସେବା ସମବାୟ ସମିତିରେ ଚାଷୀମାନଙ୍କ ନାମ ପଞ୍ଜୀକରଣ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଏ ସଂକ୍ରାନ୍ତରେ ଚାଷୀମାନେ ବୁଧବାର ଜିଲାପାଳଙ୍କୁ ଫେରାଦ୍ ହୋଇଛି । ଅଭିଯୋଗ ଅନୁସାରେ ଚାଷୀ ପଞ୍ଜୀକରଣ କରିବାକୁ ଗଲେ ସମ୍ପାଦକ ବିଭିନ୍ନ ପ୍ରକାରର ବାହାନା ଦେଖାଇ ଖସି ଯାଉଛନ୍ତି । ସମବାୟ ସମିତି ନିର୍ବାଚନରେ ଅନିୟମିତତା ପରେ ସମ୍ପାଦକଙ୍କ ବିରୋଧରେ ଚାଷୀମାନେ ଜିଲାପାଳଙ୍କୁ ଫେରାଦ୍ ହୋଇଥିଲେ । ଅନିୟମିତତାର ପ୍ରମାଣ ମିଳିବା ପରେ ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ ହୋଇଛି । ତେବେ କାର୍ଯ୍ୟାନୁଷ୍ଠାନ ଫାଇଲକୁ ଚାପି ରଖାଯାଇଛି । ଅନ୍ୟପକ୍ଷେ ସମିତି ତରଫରୁ ଚାଷୀ ସାର ପାଉନି । ପୁଣି ଜାଣି ଶୁଣି ପଞ୍ଜୀକରଣ କରାଯାଉନି । ସମ୍ପାଦକଙ୍କ ବିରୋଧରେ ଅଭିଯୋଗ କରିଥିବାରୁ ଚାଷୀଙ୍କୁ ହଇରାଣ କରାଯାଉଥିବା ଅଭିଯୋଗ ରହିଛି ।

ପୂର୍ଣ୍ଣଚନ୍ଦ୍ର ନାୟକ ଓ ନୀଳମଣି ସ୍ୱାଇଁ ପ୍ରମୁଖ ଚାଷୀଙ୍କ ଦସ୍ତଖତ ଥାଇ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଇଛି । ଏଆରସିଏସ୍ ହାଡିବନ୍ଧୁ ମହକୁଡ଼ କୁହନ୍ତି, ନୋଉର ସମବାୟ ସମିତି ସମ୍ପାଦକଙ୍କୁ ନିଲମ୍ବନ କରିବା ପାଇଁ ସ୍ଥାନୀୟ ସମିତିର ସଭାପତିଙ୍କୁ ଚିଠି ହୋଇଛି । ସଭାପତି ନିଲମ୍ବନ କରିବେ । ଅନ୍ୟପକ୍ଷେ ସେଠାର ଚାଷୀ ସ୍ଥାନୀୟ ସମ୍ପାଦକଙ୍କ ଠାରେ ନାମ ପଞ୍ଜୀକରଣ ଓ ସାର ନେବେନି ବୋଲି ଜିଦ୍ କରୁଛନ୍ତି । ବିକଳ୍ପ ଭାବେ ନୂଆ ସମ୍ପାଦକଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ଚାଷୀମାନେ ନୂଆ ସମ୍ପାଦକଙ୍କ ପାଖରେ ପଞ୍ଜୀକରଣ କରିବେ ବୋଲି ଆଶା କରାଯାଉଛି । ଗୋଡିପଡ଼ା ଚାଷୀଙ୍କ ଅଭିଯୋଗ ମିଳିଛି । ଯେଉଁ ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ଚାଷ ଜମି ଅଛି ସେଠାରେ ଚାଷୀ ନାମ ପଞ୍ଜୀକରଣ କରିବାକୁ ନିୟମ କରିଛନ୍ତି । ଏଣୁ ଗୋଡିପଡା ଚାଷୀଙ୍କ ପାଇଁ ସରକାର ଯାହା ପଦକ୍ଷେପ ନେବେ ବୋଲି ସେ କହିଛନ୍ତି ।



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଚାଷୀ।

## ସଂକ୍ଷେପରେ

### ଜଳବନ୍ଦୀରେ ଅସହାୟ ପରିବାର

**ଖଣ୍ଡପଡ଼ା,୧୦।୮(ସ୍ୱ.ପ୍ର.):** ଗତ ୩ ଦିନ ଧରି ଅବିଶ୍ରାନ୍ତ ବର୍ଷା ଲାଗି ରହିଥିବା ବେଳେ ବର୍ଷାକୁ ତାଳ ଦେଇ ଖଣ୍ଡପଡ଼ା ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ୍ ଜନସାଧାରଣଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛି । ବର୍ଷା ଯୋଗୁ ଜୀବନଯାତ୍ରା ବ୍ୟାହାତ ହୋଇଛି । ଅଧିକାଂଶ ତଳିଆ ଅଞ୍ଚଳରେ ବର୍ଷା ପାଣି ଜମି ରହିବା ଯୋଗୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି । ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ବସ୍ତି ବାସିନ୍ଦାଙ୍କ ଘରେ ବର୍ଷାଜଳ ଜମି ରହିଛି । ଏ ପରିପ୍ରେକ୍ଷୀରେ କଣ୍ଟିଲୋ କଂସାରୀସାହି ପାଟଣା ପେଟ୍ରୋଲ ପମ୍ପ ନିକଟରେ ରହୁଥିବା ସତ୍ୟ ସୁନ୍ଦର ମଲ୍ଲିକ, କାହ୍ନୁ ମଲିକ ଓ ମାଳତୀ ମଲିକଙ୍କ ଘର ଭିତରେ ଦେଢ଼ଫୁଟ ଉଚ୍ଚର ପାଣି ଜମାହୋଇ ରହିଛି । ସଂପୃକ୍ତ ପରିବାରର ପ୍ରାୟ ୧୮ ଜଣ ସଦସ୍ୟ ଅନ୍ୟତ୍ର ଆଶ୍ରୟ ନେଇଛନ୍ତି । ଖବର ପାଇ କଣ୍ଟିଲୋ ସରପଞ୍ଚ ଶ୍ରୀୟାରାଣୀ ବେହେରା, ଜିଲା ପରିଷଦ ସଭ୍ୟା ଉଜ୍ୱଳ ମହାରଣା ସେହି ପରିବାର ସଦସ୍ୟଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି । କଣ୍ଟିଲୋ ରାଜସ୍ୱ ନିରୀକ୍ଷକ ସଞ୍ଜୟ ପ୍ରଧାନ ବିପନ୍ନ ପରିବାରଙ୍କୁ ଭେଟି ଖଣ୍ଡପଡା ତହସିଲଦାରଙ୍କୁ ଅବଗତ କରାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ସୂଚନା ଦେଇଛନ୍ତି । ବର୍ଷା ଯୋଗୁ ଝାଟିମାଟି ଚାଳ ଛପର ଓ କଚ୍ଚା ଘରେ ବସବାସ କରୁଥିବା ଲୋକମାନେ ହିନସ୍ତା ହୋଇଛନ୍ତି । ଧାନ ଫସଲ ସହିତ ପନିପରିବା ଚାଷ ମଧ୍ୟ ବର୍ଷା ଯୋଗୁ ନଷ୍ଟ ହୋଇଛି ।

### ନୟାଗଡ଼ ପଞ୍ଚାୟତ ସମିତି ବୈଠକ

**ନୟାଗଡ଼ ଅଫିସ,୧୦।୮:** ନୟାଗଡ଼ ପଞ୍ଚାୟତ ସମିତିର ୨ୟ ସାଧାରଣ ବୈଠକ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ କିଶୋର ଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ନୟାଗଡ଼ ବିଧାୟକ ଅରୁଣ ସାହୁ ଯୋଗ ଦେଇ ଠିକ ସମୟରେ ଆବଶ୍ୟକ କାମ କରିବାକୁ ପରାମର୍ଶ ଦେଇଥିଲେ । ଲୋକମାନେ ଯେପରି ସରକାରୀ କାର୍ଯ୍ୟକୁ ଦେଖି ଅସନ୍ତୋଷ ବ୍ୟକ୍ତ କରିବେ ନାହିଁ ବୋଲି କହିଥିଲେ । ୫-ଟି ସ୍କୁଲ ରୂପାନ୍ତରିତ କାର୍ଯ୍ୟରେ ବ୍ଲକର ୧୩ ହାଇସ୍କୁଲ ସାମିଲ ହୋଇଥିବାରୁ ବ୍ଲକ ପକ୍ଷରୁ ୩୫ ଲକ୍ଷ ଓ ପଞ୍ଚାୟତ ପକ୍ଷରୁ ୨୦ ଲକ୍ଷ ଅନୁଦାନ ତୁରନ୍ତ ଯୋଗାଇ ଦେବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ବିଭିନ୍ନ ବିଭାଗର କାର୍ଯ୍ୟ ଉପରେ ସମୀକ୍ଷା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଉପାଧକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ୪ ଜିଲା ପରିଷଦ ସଭ୍ୟ ଆଶିଷ ଅଗ୍ରୱାଲା, ସୁବାସ କଅଁର, ସରୋଜ ରଣସିଂ, କ୍ଷୀରୋଦ ମହାପାତ୍ର ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଡାକ କର୍ମଚାରୀ ସଂଘର ଧର୍ମଘଟ

**ଛତ୍ରପୁର,୧୦।୮(ଡି.ଏନ.ଏ.):** ଡାକ କର୍ମଚାରୀ ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୨୦ ଦଫା ଦାବି ନେଇ ବୁଧବାର ଛତ୍ରପୁର ପୋଷ୍ଟ ଅଫିସ ସମ୍ମୁଖରେ ଧର୍ମଘଟ କରାଯାଇଥିଲା । ଫଳରେ ଦିନ ତମାମ ଡାକସେବା ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ଦାବି ଗୁଡିକ ମଧ୍ୟରେ ଡାକ ବିଭାଗର ନିଗମିକରଣ ବନ୍ଦ କରିବା, ଜି.ଡି.ଏସକୁ କେନ୍ଦ୍ର ସରକାରୀ ମାନ୍ୟତା, ଡାକ କର୍ମଚାରୀ ସଂଘର ପରିଚାଳନାରେ ହସ୍ତକ୍ଷେପ ବନ୍ଦ କରିବା, ନୂତନ ପେନସନ ଯୋଜନା ରଦ୍ଦ କରି ପୁରାତନ ପେନସନ ଯୋଜନା ଲାଗୁ କରିବା, ସମସ୍ତ ଖାଲି ପଦବୀ ପୂରଣ କରିବା, ୧୮ ମାସର ବକେୟା ମହଙ୍ଗା ଭତ୍ତା ପ୍ରଦାନ ଓ ସପ୍ତାହରେ ୫ ଦିନ କାମ କରିବାକୁ ଦେବା ଆଦି ଦାବି ରହିଛି ।

## ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

**ନୟାଗଡ଼ ଅଫିସ,୧୦।୮:** ନୟାଗଡ଼ ଜିଲା ଦୌରାଜଜଙ୍କ କୋର୍ଟ ଜଣେ ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡରେ ବୁଧବାର ଦଣ୍ଡିତ କରିଛନ୍ତି । ଦୋଷୀସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ହେଲେ ନୟାଗଡ଼ ଜିଲା ଦଶପଲ୍ଲା ଥାନା ଅଧୀନ ପୁରୁଣା ଦଶପଲ୍ଲା ଦଳିତ ସାହିର ନିରାକାର ନାୟକ(୪୫) । ଜିଲା ଦୌରାଜଜ ରୂପଶ୍ରୀ ଚୌଧୁରୀ ୨୦ ଜଣ ସାକ୍ଷୀ, ପ୍ରମାଣ, କ୍ୟାଡର ପବ୍ଲିକ ପ୍ରୋସିକ୍ୟୁଟର ବିଷ୍ଣୁ ପ୍ରସନ୍ନ ମହାପାତ୍ରଙ୍କ ଯୁକ୍ତିକୁ ବିଚାରକୁ ନେଇ ନିରାକାରଙ୍କୁ ଏହି ଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦୟ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ କୋର୍ଟ ରାୟରେ ଉଲ୍ଲେଖ କରିଛନ୍ତି ।

ମାମଲାର ବିବରଣୀ ଅନୁଯାୟୀ, ୨୦୦୨ରେ ଦଶପଲ୍ଲା ଥାନା ରଙ୍ଗମାଟିଆ ଗାଁର ବାସୁଦେବ ନାୟକଙ୍କ ଝିଅ ମାମି ନିରାକାର(୩୫)ଙ୍କୁ ବିବାହ କରିଥିଲେ । ୨୦୧୩ ଫେବୃୟାରୀ ୨୩ରେ ବାସୁଦେବ ଖବର ପାଇଲେ ତାଙ୍କ ଝିଅକୁ ହତ୍ୟା କରାଯାଇଛି । ବାସୁଦେବ ଝିଅ ଘରେ ପହଞ୍ଚିବାବେଳକୁ ଘରର କବାଟ ଭିତର ପଟୁ ବନ୍ଦ ରହିଥିଲା । ପୋଲିସ ଉପସ୍ଥିତିରେ କବାଟ ଭଙ୍ଗାଯିବା ପରେ ମାମିଙ୍କ ରକ୍ତ ଭିଜା ମୃତଦେହ ଘର ଭିତରେ ପଡି ରହିଥିଲା । ମୃତଦେହ ନିକଟରେ ନିରାକାର ଚୌକିରେ ବସି ରହିଥିଲେ । ପାଖରେ ରକ୍ତଭିଜା ଟାଙ୍ଗିଆ ପଡିଥିଲା । ପାଖରେ ନାତୁଣୀ ଉପସ୍ଥିତ ଥିଲେ । ପୋଲିସ ମୃତଦେହ ସହ ରକ୍ତଭିଜା ଟାଙ୍ଗିଆ ଜବତ କରିଥିଲା । ପୋଲିସ ନିରାକାରଙ୍କୁ ଗିରଫ କରି ଏକ ମାମଲା(ନଂ.୨୪/୧୩) ରୁଜୁ କରି କୋର୍ଟ ଚାଲାଣ କରିଥିଲା । ଘଟଣାସ୍ଥଳରେ ଝିଅ ଥିଲେ ବି ହତ୍ୟାକାଣ୍ଡ ସମ୍ପର୍କରେ ସେ ପାଟି ଖୋଲି ନ ଥିଲେ । ବାପାଙ୍କ ଧମକ ଯୋଗୁ ସେ ଚୁପ୍ ରହି ଥିଲେ । ପରବର୍ତ୍ତୀ ସମୟରେ ଝିଅ ମା'ଙ୍କ ହତ୍ୟା ସମ୍ପର୍କରେ ପୋଲିସକୁ ସବୁ କଥା କହିଥିଲେ ।

## ଧୋବା ପ୍ରଧାନ ହତ୍ୟା ଘଟଣା, ଅନ୍ୟତମ ଅଭିଯୁକ୍ତ ଗିରଫ

**ଖଣ୍ଡପଡ଼ା,୧୦।୮(ସ୍ୱ.ପ୍ର.)**

ଖଣ୍ଡପଡ଼ା ଥାନା ଅଧୀନ ଯୋଗିଆପଲ୍ଲୀ ପଞ୍ଚାୟତ ତେନ୍ତୁଳିଆପଲ୍ଲୀ ଗ୍ରାମରେ ୨୦୧୯ ଅଗଷ୍ଟ ୧ରେ ପଥରକ୍ୱାରୀକୁ କେନ୍ଦ୍ର କରି ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳର ସୁତ୍ରପାତ ହୋଇଥିଲା । ଗୋଟିଏ ଗୋଷ୍ଠୀର ଲୋକ ବିପକ୍ଷ ଗୋଷ୍ଠୀର ଧୋବା ପ୍ରଧାନଙ୍କୁ ମରଣାନ୍ତକ ଆକ୍ରମଣ କରି ହତ୍ୟା କରିଥିଲେ । ମୃତଦେହକୁ ସ୍ଥାନୀୟ ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ନାଏକଙ୍କ ବାରିରେ ଥିବା ପରିତ୍ୟକ୍ତ କୂଅରେ ପଥର ବାନ୍ଧିପକାଇ ଦେଇଥିଲେ । ହତ୍ୟାର ୧୦ ଦିନ ପରେ ପୋଲିସ କୂଅରୁ ଗଳିତ ମୃତଦେହକୁ ଜବତ କରିବା ପରେ ଖଣ୍ଡପଡ଼ା ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା । ୩ ବର୍ଷ ପରେ ଏହି ହତ୍ୟା ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ପୋଲିସ ସ୍ଥାନୀୟ ଅଞ୍ଚଳର ଅନ୍ୟତମ ଅଭିଯୁକ୍ତ ପଙ୍କଜ ବେହେରାଙ୍କୁ ବୁଧବାର ରାତିରେ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି । ଏହି ଘଟଣାରେ ପୋଲିସ ଅଦ୍ୟାବଧି ୭ ଜଣଙ୍କୁ ଗିରଫ କରି ଜେଲକୁ ପଠାଇ ସାରିଛି ।

## ନୟାଗଡ଼ରେ ସ୍ୱାଧୀନତାର ଗୌରବ ଯାତ୍ରା

**ନୟାଗଡ଼ ଅଫିସ,୧୦।୮**

ଦେଶ ସ୍ୱାଧୀନତାର ୭୫ବର୍ଷ ପାଇଁ ଜାତୀୟ କଂଗ୍ରେସର ତ୍ୟାଗ ଓ ବଳିଦାନ ସ୍ମୃତିରେ ସ୍ୱାଧୀନତାର ଗୌରବ ଯାତ୍ରା ଆରମ୍ଭ ହୋଇଛି । ନୟାଗଡ଼ରେ ୭୫ ମିଟର ଜାତୀୟ ପତାକା ଉଡାଇଛନ୍ତି ପିସିସି ସଭାପତି ଶରତ ପଟ୍ଟନାୟକ । ଏନେଇ ନୟାଗଡ଼ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରି ପ୍ରଦେଶ କଂଗ୍ରେସର ସଭାପତି ପଟ୍ଟନାୟକ ଓ ଏଆଇସିସିର ସମ୍ପାଦକ ଜି.ରୁଦ୍ର ରାଜୁ ଜାତୀୟ ପତାକା ହଲାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ଉଭୟ ନେତା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମାତ୍ରାଧିକ ଦରଦାମ ବୃଦ୍ଧି, ବେକାର ଯୋଗୁ ଦେଶର ଅର୍ଥନୀତି ନିମ୍ନଗାମୀ ହେଉଥିବା କହି କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଥିଲେ । ବିରୋଧୀଦଳ ନେତାଙ୍କ ଉପରେ ଇଡି,ସିବିଆଇ ଲଗାଇ ଶାଣିତ ବିରୋଧୀ ସ୍ୱରକୁ କେନ୍ଦ୍ର ସରକାର ଚାପିଦେବା ପାଇଁ ଉଦ୍ୟମ କରୁଛନ୍ତି । ପ୍ରତିଶୋଧ ରାଜନୀତି ଦେଶ ପାଇଁ ଶୁଭଙ୍କର ନୁହେଁ ବୋଲି କଂଗ୍ରେସ ନେତାମାନେ କହିଥିଲେ ।

ଜିଲା କଂଗ୍ରେସ ସଭାପତି ଆଇନଜୀବୀ ରଣଜିତ୍ ଦାଶଙ୍କ ନେତୃତ୍ୱରେ ଆୟୋଜିତ ଏହି ଗୌରବ ଯାତ୍ରାରେ ଜିଲା ପର୍ଯ୍ୟବେକ୍ଷକ ନିଶିକାନ୍ତ ମିଶ୍ର, ବରିଷ୍ଠ ନେତା ଶୁଭେନ୍ଦୁ ମହାନ୍ତି, ମହିଳା କଂଗ୍ରେସ ପର୍ଯ୍ୟବେକ୍ଷକ ସ୍ୱରୂପା ତ୍ରିପାଠୀ, ପିସିସି ସମ୍ପାଦକ ହୁସେନ ଖାଁ, ମନୋଜ ସାହୁ, ବସନ୍ତ ମହାରଣା,ଆଇଏନଟିୟୁସି ଜିଲା ସଭାପତି ସତ୍ୟବ୍ରତ ନାୟକ, ମହିଳା କଂଗ୍ରେସ ସଭାପତି ପ୍ରତିମା ଜେନା, ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରତୀକ ମହାପାତ୍ର, ଅବୁବକର ସିଦ୍ଦିକ, ଛାତ୍ର କଂଗ୍ରେସ ସଭାପତି ଜ୍ୟୋତିରଞ୍ଜନ ଦାଶ, ଦଳୀୟ ନେତା ବିଭୁତି ରାଉତ, ପୂର୍ଣ୍ଣଚନ୍ଦ୍ର ସାମନ୍ତ, ପୂର୍ଣ୍ଣଚନ୍ଦ୍ର ନାୟକ, ଅମଜାଦ ଖାଁ, ବୁଲୁ ପରିଡା, ଅଶୋକ ନାୟକ, ସୁକାନ୍ତ ଶତପଥୀ, ଚିନ୍ମୟୀ ମହାଲିକ, କାଶୀନାଥ ନାଏକ, ବାଙ୍କବିହାରୀ ଧଳ, ମଦନ ମୋହନ ବିଶୋଇଙ୍କ ସମେତ ୧ ହଜାର ଦଳୀୟ କର୍ମୀ ଯାତ୍ରାରେ ସାମିଲ ହୋଇଥିଲେ ।



ସ୍ୱାଧୀନତାର ଗୌରବଯାତ୍ରାରେ ପିସିସି ସଭାପତି ଓ ଅନ୍ୟମାନେ ।

### ୭୫ ମିଟର ଜାତୀୟ ପତାକା ଉଡାଇଲେ ପିସିସି ସଭାପତି

## ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଜନ ସଚେତନତା

**ଓଡ଼ଗାଁ,୧୦।୮(ସ୍ୱ.ପ୍ର.):** ଆଜାଦି କି ଅମୃତ ମହୋତ୍ସବ ଓ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମରେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ର ସାମିଲ ହୋଇ ଜନ ସଚେତନତା ସୃଷ୍ଟି କରିଛନ୍ତି । ଓଡ଼ଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଛାତ୍ରୀଛାତ୍ର, ଗୁରୁଜୀ ଓ ଗୁରୁମାଙ୍କ ସହିତ ବହୁ ଅଭିଭାବକ ଏଥିରେ ସାମିଲ ହୋଇଥିଲେ । ସ୍ଥାନୀୟ ଶ୍ରୀରଘୁନାଥ ମନ୍ଦିର ପରିସରରୁ ତ୍ରିରଙ୍ଗା ସହିତ ସାଇକେଲ ଶୋଭାଯାତ୍ରାରେ ବାହାରି ଏନ୍‌ଏସି ଅନ୍ତର୍ଗତ ସବୁ ୱାର୍ଡ ପରିକ୍ରମା କରିଥିଲେ । ରାସ୍ତାରେ ବିଭିନ୍ନ ଦେଶାତ୍ମକବୋଧକ ସ୍ଲୋଗାନ ଦେବା ସହିତ ଲୋକମାନଙ୍କୁ ହର ଘର ତ୍ରିରଙ୍ଗା ଉଡାଇବାକୁ ପରାମର୍ଶ ଦେଇଥିଲେ । ଏପରିକି ଆବଶ୍ୟକ ସ୍ଥଳେ ଲୋକଙ୍କୁ ତ୍ରିରଙ୍ଗା ପ୍ରଦାନ କରିଥିଲେ । ସେହିପରି ନିକଟସ୍ଥ କୁରାଳ ସଂସ୍କୃତ ମହାବିଦ୍ୟାଳୟ ତରଫରୁ ଅନୁରୂପ ଢଙ୍ଗରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଅଧାପକ, ଅଧାପିକା ସାମିଲ ହୋଇଥିଲେ ।



ସଚେତନତା ଶୋଭାଯାତ୍ରାରେ ଛାତ୍ରୀଛାତ୍ର ।

# ଉନ୍ନୟନ କାର୍ଯ୍ୟରେ ଦୁର୍ନୀତିକୁ ବିରୋଧ

**ନୂଆଗାଁ,୧୦।୮(ଡି.ଏନ.ଏ.)**

ବିଭିନ୍ନ ଉନ୍ନୟନ କାମ ପାଇଁ ସରକାର ପ୍ରଦାନ କରୁଥିବା ଅନୁଦାନକୁ ଆତ୍ମସାତ୍ କରାଯାଉଛି । ବାରମ୍ବାର ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କ ପାଖରେ ଅଭିଯୋଗ କରାଗଲା ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ଏହାର ପ୍ରତିବାଦ ତଥା ସେହି ଅନିୟମିତତାର ଭିଜିଲାନ୍ସ ତଦନ୍ତ ଦାବି କରି ନୟାଗଡ଼ ଜିଲା ନୂଆଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସୂଚନା କର୍ମୀ କେଶବ ମହାକୁଡ ଧାରଣା ଦେଇଛନ୍ତି ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ୨୨ ପଞ୍ଚାୟତ ରହିଛି । ଏହି ପଞ୍ଚାୟତର ଉନ୍ନତିମୂଳକ କାମ କରାଇବା ସହ ତଦାରଖ ଲାଗି ୬ ଜଣ କନିଷ୍ଠ ଯନ୍ତ୍ରୀଙ୍କୁ ନିୟୋଜିତ କରାଯାଇଛି । ପ୍ରତି ଗାଁର ଉନ୍ନତି ପାଇଁ ସରକାର ଅନୁଦାନ ଦେଉଥିଲେ ମଧ୍ୟ ସେହି ଅନୁଦାନରେ ଆଶାନୁରୂପ କାମ ହୋଇ ପାରୁନାହିଁ । ଏ ନେଇ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି । ଏପରି ଅନିୟମିତତାକୁ ଲୋକଲୋଚନକୁ ଆଣିବା ପାଇଁ ସୂଚନା କର୍ମୀ ମହାକୁଡ ଜନ ସୂଚନା ଅଧିକାର ଆଧାରରେ ତଥ୍ୟ ମାଗିଥିଲେ । ହେଲେ ତଥ୍ୟ ମିଳିଲା ନାହିଁ । ସୂଚନା କର୍ମୀ ମହାକୁଡଙ୍କ ଅଭିଯୋଗ ମୁତାବକ ନୂଆଗାଁ ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ସନାତନ ଭୋଳଙ୍କୁ ନୂଆଗାଁ ପଞ୍ଚାୟତ ସମେତ ନୂଆଗାଁ ବ୍ଲକର ଆଉ ୪ ଆଦିବାସୀ ବହୁଳ ପଞ୍ଚାୟତର ଉନ୍ନତିମୂଳକ କାମ ତଦାରଖ ଦାୟିତ୍ୱ ଦିଆଯାଇଛି । ଏହାର ସୁଯୋଗରେ ସେ ଆଦିବାସୀମାନଙ୍କୁ ଭୁଆଁ ବୁଲାଇ ସରକାରଙ୍କ ଅନୁଦାନରୁ ଅଳ୍ପ କିଛି ଖର୍ଚ୍ଚ କରି ଅବଶିଷ୍ଟ ଅର୍ଥ ଆତ୍ମସାତ୍ କରୁଛନ୍ତି । ଏ ବାବଦରେ ସ୍ଥାନୀୟ ବିଧାୟକ ଓ ବିଡିଓ ଅବଗତ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଏ ନେଇ ବାରମ୍ବାର ବିଡିଓ, ଜିଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ ଆଦି ଉଚ୍ଚ ପଦାଧିକାରୀଙ୍କୁ ଅଭିଯୋଗ କରାଯାଉଥିଲେ ମଧ୍ୟ ସେମାନେ ଚୁପ୍ ବସିଛନ୍ତି । ତେଣୁ କନିଷ୍ଠ ଯନ୍ତ୍ରୀ ଭୋଳଙ୍କ ଦ୍ୱାରା କରାଯାଇଥିବା କାମ ଓ ସେ ତଦାରଖ କରିଥିବା କାର୍ଯ୍ୟଗୁଡ଼ିକର ଭିଜିଲାନ୍ସ ତଦନ୍ତ ଦାବି କରି ସୂଚନା କର୍ମୀ ମହାକୁଡ ସୋମବାରଠାରୁ ନୂଆଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ସୂଚନା କର୍ମୀ ମହାକୁଡଙ୍କ ଏପରି ଅଭିଯୋଗ ବାବଦରେ କନିଷ୍ଠ ଯନ୍ତ୍ରୀ ଭୋଳଙ୍କୁ ପଚାରିବାରେ ଏହି ସମ୍ପୂର୍ଣ୍ଣ ଭିତ୍ତିହୀନ । ମୁଁ କ'ଣ କରୁଛି, ନ କରୁଛି ଜନସାଧାରଣ ଜାଣିଛନ୍ତି । ମୁଁ ତଦନ୍ତ ସପକ୍ଷରେ ଅଛି ବୋଲି ସେ କହିଛନ୍ତି ।




ବ୍ଲକ୍ ସମ୍ମୁଖରେ ଧାରଣାରେ ବସିଛନ୍ତି ସୂଚନା କର୍ମୀ କେଶବ ମହାକୁଡ଼ ।

- ଭିଜିଲାନ୍ସ ତଦନ୍ତ ଦାବି କରି ସୂଚନା କର୍ମୀଙ୍କ ଧାରଣା
- ଜଣେ ଯନ୍ତ୍ରୀଙ୍କୁ ୫ ପଞ୍ଚାୟତ ସମେତ ମୁଖ୍ୟାଳୟ ଦାୟିତ୍ୱ
- ଅନୁଦାନ ଆତ୍ମାସାତ୍ ଅଭିଯୋଗ

